

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୨ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 November 2025
Vol.No. 36 ■ No.307 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ବିଧାନସଭା ଅଧିବେଶନ ପୂର୍ବର ରାଜ୍ୟସରକାରଙ୍କ ବଡ଼ ନିଷ୍ପତ୍ତି: କ୍ୟାବିନେଟ୍ ବୈଠକରେ ୧୨ ଟି ପ୍ରସ୍ତାବ ଉପରେ ବାଜିଲା ମୋହର

■ଲଘୁ ଖଣିଧାରୀଙ୍କ ପାଇଁ ଲକ୍ଷ୍ମଣରେଖା
■ଲଘୁ ଖଣିଜର ଦର ଧାର୍ଯ୍ୟ କରିବେ ସରକାର
■ଜିଲ୍ଲାରେ ସର୍ବାଧିକ ୩ଟି ଓ ରାଜ୍ୟରେ ୫ଟି ଲଘୁଖଣିର ମାଲିକାନା ମିଳିପାରିବ
■ଲଟେରୀରେ ମିଳିଥିବା ଲଘୁଖଣି ଅନ୍ୟ କାହାକୁ ଦେଇପାରିବେନି ଲିଜଧାରୀ
■ଅନ୍ୟ କାହାକୁ ଦେଇଥିଲେ କଳାତାଲିକାଭୁକ୍ତ ହେବେ ଲିଜଧାରୀ



ଭୁବନେଶ୍ୱର, ୨୧/୧୧ (ନି.ପ୍ର): ୬ଦିନ ପରେ ବସିବାକୁ ଯାଉଛି ବିଧାନସଭା ଶୀତକାଳୀନ ଅଧିବେଶନ । ବିଧାନସଭା ଅଧିବେଶନ ବସିବା ପୂର୍ବରୁ ମୋହନଙ୍କ କ୍ୟାବିନେଟ ବୈଠକରେ ୯ଟି ବିଭାଗର ୧୨ଟି ପ୍ରସ୍ତାବରେ ବାଜିଛି ମୋହର। ଯାହା ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବାକୁ ଆଉ ପାଦେ ଆଗକୁ ବଢିବାକୁ ସରକାରଙ୍କୁ ବଳ ଦେଇଛି । ରାଜ୍ୟ କ୍ୟାବିନେଟ ବୈଠକରେ ଲଘୁ ଖଣିକୁ ନେଇ ବଡ ନିଷ୍ପତ୍ତି ନେଇଛନ୍ତି ଟିମ୍ ମୋହନ । ଲଘୁ ଖଣିଜ ନିଲାମୀ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ସହ ଚୋରାଚାଲାଣରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ କମର କସିଛନ୍ତି ସରକାର । ପୂର୍ବଭଳି ଲଘୁ ଖଣି ନିଲାମୀ ହେବନି ବରଂ ଇ-ଲଟେରୀ ଜରିଆରେ ମିଳିବ। ନିଲାମୀ ଦର ଅଧିକ ଥିବାରୁ ବିକ୍ରି ବେଳେ ଏହାର ବୋଝ ଉଠାଉଥିଲେ ଲୋକେ । ଆଗକୁ ମନଇଚ୍ଛା ଦରରେ ଲଘୁ ଖଣିଜ ବିକ୍ରି କରିପାରିବେନି ଲିଜଧାରୀ। ସରକାର ଏବେ ଲଘୁ ଖଣିଧାରୀଙ୍କ ପାଇଁ ଲକ୍ଷ୍ମଣରେଖା ଟାଣିଛନ୍ତି । ଏସଆଇ ପରୀକ୍ଷା କେଳେଙ୍କାରୀ ଘଟଣା ପୁରା ରାଜ୍ୟରେ ହଟଚମଟ ସୃଷ୍ଟି କରିଥିଲା। ପରୀକ୍ଷା କରୁଥିବା ବୋର୍ଡର ସ୍ୱଚ୍ଛତା ଉପରେ ଏହି କେଳେଙ୍କାରୀ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ୟୁନିଫର୍ମ ସେବା ପରୀକ୍ଷାକୁ ସୁବ୍ୟବସ୍ଥିତ ଓ ସ୍ୱଚ୍ଛତାର ସହ କରିବାକୁ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗର ଗଠନ ପାଇଁ ମୋହର ମାରିଛନ୍ତି ମୋହନ ସରକାର । ଏହାବ୍ୟତୀତ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ ଓ କୁଶଳୀ କରିବାକୁ ୫ଟି ବିଶ୍ୱ ସାମର୍ଥ୍ୟ କେନ୍ଦ୍ର କରିବେ ସରକାର। ଏଥିପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## ଭାରତର ଭୟ ବଢ଼ାଇଲା ପାକିସ୍ତାନ: ପାକିସ୍ତାନକୁ ୮ଟି ବୁଡ଼ାଜାହାଜ ଦେଉଛି ଚୀନ୍

ନୂଆଦିଲ୍ଲୀ,୨୧/୧୧ : ଭାରତର ଭୟ ବଢ଼ାଇଲା ପାକିସ୍ତାନ । କାହିଁକି ନା ସମୁଦ୍ର ପଥରେ ପାକିସ୍ତାନର ଶକ୍ତି ବଢ଼ିବାକୁ ଯାଉଛି । ପାକିସ୍ତାନକୁ ଚୀନ ଦେବାକୁ ଯାଉଛି ୮ଟି ଉନ୍ନତମାନର ସବମରିନ୍ । ଯାହାକି ଇଓଚ ସିଷ୍ଟମ ଲେସ୍ ହେଇଥିବାବେଳେ, ଶତ୍ରୁକୁ ଚକମା ଦେବାରେ ସିଦ୍ଧହସ୍ତ । ପାକିସ୍ତାନକୁ ମିଳିବାକୁ ଯାଉଥିବା ଏହି ନୂଆ ସବମରିନ୍, ପାଣି ଭିତରେ ଲୁଚକାଳି ଖେଳ ଖେଳିବାରେ ପୁରାପୂରି ମାହିର । ଘଣ୍ଟା ଘଣ୍ଟା ଧରି ଏହି ସବମରିନ୍ ସମୁଦ୍ର ଭିତରେ ଲୁଚି ରହିବାକୁ ସକ୍ଷମ । ଯାହାକି ଭାରତ ପାଇଁ ଏବେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁସାରେ, ଚୀନ୍ ପାକିସ୍ତାନକୁ ଏହି ୮ଟି ସବମରିନ୍ ଦେବାକୁ ଯାଉଛି । ଯାହା ଭିତରୁ ଏବେ ୪ଟି ସବମରିନର କାମ ଚୀନରେ ଚାଲିଥିବାବେଳେ, ଆଉ ୪ଟି ସବମରିନର କାମ ପାକିସ୍ତାନ ଭିତରେ ଚାଲିଛି । ୨୦୨୬ ସୁଦ୍ଧ ପ୍ରଥମ ସବମରିନ୍ ପାକିସ୍ତାନ ଆର୍ମିରେ ଏଣ୍ଟ୍ରି ମାରିବାକୁ ଥିବାବେଳେ, ୨୦୨୮ ସୁଦ୍ଧା ସବୁତକ ସବମରିନ୍ ପାକିସ୍ତାନ ଆର୍ମିକୁ ମିଳିଯିବ । ପାକିସ୍ତାନର ଏହି ନୂଆ ସବମରିନ୍ ଏଆଇପି ସିଷ୍ଟମ ହେଇଥିବାବେଳେ, ଭାରତ ପାଖରେ କିନ୍ତୁ ନ୍ୟୁକ୍ଲିୟର ସବମରିନ୍ ରହିଛି । ଯାହାକି ପାଣି ଭିତରେ ମାସ ମାସ ଧରି ରହିବାକୁ ସକ୍ଷମ । ଏହାସହିତ ଭାରତ ପାଖରେ ଦୁଇ ଦୁଇଟି ଏୟାରକ୍ରାଫ୍ଟ କ୍ୟାରିୟର ମଧ୍ୟ ରହିଛି, ଯିଏକି ଲଢୁଆ ଯୁଦ୍ଧ ବିମାନକୁ ସମୁଦ୍ର ପଥରେ ବୋହି ନେଇପାରିବ । ପାକିସ୍ତାନ ପାଖରେ କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଏୟାରକ୍ରାଫ୍ଟ କ୍ୟାରିୟର ନାହିଁ । ମୋଟାମୋଟି ଭାବେ ଦେଖିବାକୁ କଲେ ଭାରତର ନୌସେନା ପାକିସ୍ତାନର ନୌସେନାଠାରୁ ୪ରୁ ୫ ଗୁଣ ବଡ଼ । ପାକିସ୍ତାନ କେବଳ ନିଜ ସୀମା ଭିତରେ ବଳବାନ ହେଇଥିବାବେଳେ, ଭାରତ କିନ୍ତୁ ସମୁଦ୍ର ପଥରେ ନିଜର ଦବଦବା ରଖେ ।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ୫ଟି ବିନ୍ଦୁ ଉପରେ ଆଲୋଚନା: ପର୍ଯ୍ୟାୟ କ୍ରମେ ହେବ ରତ୍ନଭଣ୍ଡାର ଗଣତି ମଣତି



ପୁରୀ, ୨୧/୧୧ (ନି.ପ୍ର): ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ୫ଟି ବିନ୍ଦୁ ଉପରେ ଆଲୋଚନା ହୋଇଛି । ପର୍ଯ୍ୟାୟ କ୍ରମେ ହେବ ରତ୍ନଭଣ୍ଡାର ଗଣତି ମଣତି । ଅକ୍ଷୟ ତୃତୀୟା ପୂର୍ବରୁ ଗଣତି ମଣତି ଲାଗି ସେବାୟତ ମାନେ ପ୍ରସ୍ତାବ ଦେଇଛନ୍ତି । ଏମାର ମଠର ରୁପା ଇଟାକୁ ଶ୍ରୀଜଗନ୍ନାଥ ମନ୍ଦିର ଅଧୀନକୁ ଆଣିବା ଲାଗି ପ୍ରୟାସ ଆରମ୍ଭ ହୋଇଛି । ମହାପ୍ରଭୁଙ୍କ ସୁନାବେଶର ଆଉ ଗୋଟେ ସେଟ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଅର୍ଥ ସବ୍ କମିଟିରେ ବଜେଟ ପାସ ହୋଇଛି। ଖୁବଶୀଘ୍ର ଭକ୍ତଙ୍କ ଲାଗି ଖୋଲାଯିବ ଶ୍ରୀଗୁଣ୍ଡିଚା ମନ୍ଦିର । ଶ୍ରୀମନ୍ଦିର ପ୍ରଶାସନ ଏହାକୁ ପରିଚାଳନା କରିବ । ନାଟ ମଣ୍ଡପରେ ଧାଡ଼ି ଦର୍ଶନ ସମ୍ପର୍କରେ ମଧ ବିଶେଷ ଆଲୋଚନା ହୋଇଛି । ଦିବ୍ୟାଙ୍ଗମାନେ କିଭଳି ସୁବିଧାରେ ଦର୍ଶନ କରିପାରିବେ, ସେ ଉପରେ ବି ଏହି ବୈଠକରେ ଆଲୋଚନା ହୋଇଛି । ଇସ୍କନର ଅଦିନିଆ ରଥଯାତ୍ରା ଉପରେ ମଧ ଆଲୋଚନା ହୋଇଥିବା ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ସେବାୟତ କଲ୍ୟାଣ ପାଣ୍ଠି ନେଇ ପେନସନ ରାଶି ବୃଦ୍ଧି କରାଯାଇଛି । ବରିଷ୍ଠ ସେବାୟତଙ୍କୁ ୪ ହଜାର ବଦଳରେ ୫ ହଜାର ଟଙ୍କା ମିଳିବ । ସେହିପରି ପୁରୀ ବାସିନ୍ଦାଙ୍କ ଶୃଙ୍ଖଳିତ ଓ ସହଜ ଦର୍ଶନ ଲାଗି ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ ।

## ପାକିସ୍ତାନର ବଡ଼ ଧରଣର ବିସ୍ଫୋରଣ: ବିସ୍ଫୋରଣରେ ୧୫ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୨୧/୧୧ : ପାକିସ୍ତାନରେ ବଡ଼ ଧରଣର ବିସ୍ଫୋରଣ । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ପାକିସ୍ତାନ ପଞ୍ଜାବ ପ୍ରଦେଶର ଫୈସଲାବାଦରେ ଏକ ବଡ଼ ବିସ୍ଫୋରଣ ଘଟିଛି । ଏଥିରେ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି । ବିସ୍ଫୋରଣ ଫଳରେ କୋଠା ଭୁଶୁଡ଼ି ପଡ଼ିଛି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜାରି ରହିଛି ଉଦ୍ଧାର କାର୍ଯ୍ୟ । ସୂଚନା ଅନୁସାରେ, ଗ୍ୟାସ୍ ଲିକ୍ ଯୋଗୁ ବିସ୍ଫୋରଣ ହୋଇଛି । ଗ୍ୟାସ୍ ଲିକ୍ ଯୋଗୁଁ ଗୋଟିଏ କାରଖାନାରେ ନିଆଁ ଲାଗି ଅନ୍ୟ କାରଖାନାଗୁଡ଼ିକୁ ବ୍ୟାପିଥିଲା ବୋଲି କୁହାଯାଉଛି ।

## କୋଲକାତାରେ ଭୂକମ୍ପର ଝଟକା: ଘରୁ ବାହାରି ଆସିଲେ ଲୋକେ

ନୂଆଦିଲ୍ଲୀ,୨୧/୧୧ : କୋଲକାତାରେ ଭୂକମ୍ପର ଝଟକା। ସକାଳେ ସକାଳେ ଥରିଗଲା କୋଲକାତା ସହର । ସକାଳ ୧୦ଟା ୧୦ ମିନିଟରେ ଦୋହଲିଗଲା କୋଲକାତା । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୬ ରହିଥିବା ସୂଚନା । ଶୁକ୍ରବାର ସକାଳେ ପଶ୍ଚିମବଙ୍ଗର ରାଜଧାନୀ କୋଲକାତାରେ ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଏହାର କେନ୍ଦ୍ରସ୍ଥଳ ବାଂଲାଦେଶର ଟୁଙ୍ଗିରେ ହୋଇଥିବା ଜଣାପଡ଼ିଛି । ତେବେ ଭୂମିକମ୍ପ ପରେ ଭୟଭୀତ ହୋଇ କୋଲାକାତାର ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଥିଲେ । ମିଳିଥିବା ସୂଚନା ଅନୁସାରେ ସକାଳ ୧୦ଟା ୧୦ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । କୋଲକାତା, ଆଖପାଖ ଜିଲ୍ଲା ଏବଂ ଉତ୍ତର ବଙ୍ଗରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । କୁଚବିହାର ଏବଂ ଦିନାଜପୁରରେ ମଧ୍ୟ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ତଥାପି, କୋଲାକାତର କୌଣସି ସ୍ଥାନରୁ କିଛି କ୍ଷୟକ୍ଷତିର ଖବର ମିଳିନାହିଁ । ସକାଳେ ସକାଳେ ପାକିସ୍ତାନରେ ଭୂକମ୍ପ । ଶକ୍ତିଶାଳୀ ଭୂକମ୍ପରେ ଦୋହଲିଗଲା ପାକିସ୍ତାନର ମାଟି । ନିଦରୁ ଉଠୁଉଠୁ ଭୂକମ୍ପରେ ଥରିଲେ ଲୋକେ । ଭୂମିକମ୍ପର ପ୍ରଭାବ ଏତେ ଥିଲା ଯେ ଥରିଗଲା ସହର, ଛାନିଆରେ ଧାଇଁଲେ ଲୋକେ।

## ଟ୍ରମ୍ପଙ୍କ ୨୮ ସୂତ୍ରୀ ସମାଧାନ ଯୋଜନା: ବନ୍ଦ ହେବ କି, ଋଷ-ୟୁକ୍ରେନ ଯୁଦ୍ଧ ?



ନୂଆଦିଲ୍ଲୀ,୨୧/୧୧ : ବନ୍ଦ ହେବ ୟୁକ୍ରେନ-ରୁଷ ଯୁଦ୍ଧ ? ସଫଳ ହେବ କି ଟ୍ରମ୍ପଙ୍କ ମଧ୍ୟସ୍ଥତା ଓ ତାଙ୍କ ୨୮ ସୂତ୍ରୀ ଶାନ୍ତି ସର୍ତ୍ତ ? ପ୍ରାୟ ୪ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବାକୁ ଆମେରିକାର ହସ୍ତକ୍ଷେପ ଆଉ ପାଦେ ବଢିଛି । କ'ଣ ରହିଛି ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାନ୍ତି ଯୋଜନାର ମୂଳମନ୍ତ୍ର । ରୁଷ-ୟୁକ୍ରେନ ଯୁଦ୍ଧର ଘଟିପାରେ ଅନ୍ତ। ଦୀର୍ଘଦିନ ଧରି ଆମେରିକାର ମଧ୍ୟସ୍ଥତା ଆଉ ପାଦେ ବଢ଼ିବା ସହ ଯୁଦ୍ଧ ରୋକିବାକୁ ଟ୍ରମ୍ପ ପ୍ରସ୍ତୁତ କରିଛନ୍ତି ୨୮ ସୂତ୍ରୀ ସମାଧାନ ଯୋଜନା। ନିକଟରେ ଆମେରିକା ସେନା ସଚିବ ଡ୍ରେନ ଡ୍ରିସକୋଲଙ୍କ ୟୁକ୍ରେନ ଗସ୍ତ ସମୟରେ ଟ୍ରମ୍ପଙ୍କ ପକ୍ଷରୁ ଜେଲେନସ୍କିଙ୍କୁ ଏହି ପ୍ରସ୍ତାବ ଦେଇଛନ୍ତି । ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି । ୟୁକ୍ରେନ ରୁଷକୁ ୪ଟି ଅଞ୍ଚଳ ଦେବ । ଡୋନେଟେସ୍କ, କ୍ରିମିଆ, ଜପୋରେଜିଆ ଓ ଖେରସନକୁ ଛାଡ଼ିବ ୟୁକ୍ରେନ। ଏହି ଅଞ୍ଚଳକୁ ନିଜର ବୋଲି ଉଭୟ ରୁଷ ଓ ୟୁକ୍ରେନ ଦାବି କରୁଛନ୍ତି। ୟୁକ୍ରେନକୁ ନାଟୋ ସେନା ସହାୟତା ରୋକିବ। ୟୁକ୍ରେନ ନିଜ ସେନାର କାର୍ଯ୍ୟାନୁଷ୍ଠାନ କମ୍ କରିବ। ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଦେବ ଆମେରିକା। ରୁଷ-ୟୁକ୍ରେନ ସୀମା ସୁରକ୍ଷା ଗ୍ୟାରେଣ୍ଟି ମିଳିବ। ସର୍ତ୍ତ ମାନିନେଲେ ରୁଷ ଉପରୁ ସମସ୍ତ ପ୍ରତିବନ୍ଧକ ଉଠାଇବ ଆମେରିକା। କୂଟନୀତି ସମ୍ପର୍କକୁ ସୁଧାରିବାକୁ ସମସ୍ତ ଚେଷ୍ଟା କରିବ। ଜେଲେନସ୍କିଙ୍କୁ ଟ୍ରମ୍ପଙ୍କ ୬ଦିନର ମହଲତ। ସର୍ତ୍ତ ନମାନିଲେ ବଡ଼ କାର୍ଯ୍ୟାନୁଷ୍ଠାନ ଧମକ। ମିଳିଥିବା ସୂଚନା ଅନୁସାରେ, ଆମେରିକାର ଶାନ୍ତି ପ୍ରସ୍ତାବ ଉପରେ ସହମତ ହେବାକୁ ଜେଲେନସ୍କିଙ୍କୁ କେବଳ ୬ଦିନର ମହଲତ ଦେଇଛନ୍ତି ଟ୍ରମ୍ପ। ଯଦି ୟୁକ୍ରେନ ରାଷ୍ଟ୍ରପତି ପ୍ରତ୍ୟାଖ୍ୟାନ କରନ୍ତି, ତେବେ ତାଙ୍କୁ ବଡ଼ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଛି ଆମେରିକା। ସେପଟେ ୟୁକ୍ରେନ କହିଛି, ଏଥିସହ ସମାଧାନ ସୂତ୍ର ଉପରେ ପୁନର୍ବିଚାର କରାଯାଉ। ବଡ଼କଥା ହେଉଛି ଆମେରିକାର ଏହି ପ୍ରସ୍ତାବ ବାବଦରେ କୌଣସି ସୂଚନା ନଥିବା କହିଛି ରୁଷ ।

## ଦୁଇଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ : ପୁରୀ, କଟକ ଓ ଭଦ୍ରକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ



ଭୁବନେଶ୍ୱର, ୨୧/୧୧ (ନି.ପ୍ର): ବିହାର ବିଧାନସଭା ନିର୍ବାଚନର ବିଜ୍ଞାଣି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିହାରରେ ଏନ୍‌ଡିଏ ଚମତ୍କାର ପ୍ରଦର୍ଶନ ପରେ ସେ ଓଡ଼ିଶା ଆସୁଥିବା ହେତୁ ତାଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଦିଆଯାଇଛି। ଶହ ଶହ ବିଜେପି କର୍ମୀ ଓ ନେତା ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ପାରମ୍ପରିକ ନୃତ୍ୟବାଦ୍ୟରେ ତାଙ୍କୁ ସ୍ୱାଗତ କରିଛନ୍ତି ଦଳୀୟ ନେତା। ବିମାନବନ୍ଦରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଟଙ୍କଧର ତ୍ରିପାଠୀ, ଗୋଲେକ ମହାପାତ୍ର, ପିଙ୍କି ପ୍ରଧାନ, ତେଜେଶ୍ୱର ପରିଡ଼ା, ପୂର୍ବତନ ▶▶ପୃଷ୍ଠା ୭

## ଦୁବାଇରେ ଭାରତୀୟ ବାୟୁସେନାର ତେଜସ ଯୁଦ୍ଧ ବିମାନ କ୍ରାଶ: ପାଇଲଟ ମୃତ



ନୂଆଦିଲ୍ଲୀ,୨୧/୧୧ : ଦୁବାଇ ଏୟାର ଶୋ' ବେଳେ ବଡ଼ ଅଘଟଣ। ଏୟାର ଶୋ'ରେ ଭାଗ ନେଇଥିବା ଭାରତୀୟ ବାୟୁସେନାର ତେଜସ ଯୁଦ୍ଧ ବିମାନ କ୍ରାଶ ହୋଇଯାଇଛି। ଆକାଶରେ ତେଜସ ଯୁଦ୍ଧ ବିମାନ ନିଜର ରଣକୌଶଳ ଦେଖାଉଥିବା ବେଳେ କ୍ରାଶ ହୋଇଛି। ବିମାନଟି ନିୟନ୍ତ୍ରଣ ହରାଇ ସିଧା ତଳକୁ ଖସିବା ସହ ଆଖି ପିଛୁଳାକେ ଜଳି ପାଉଁଶ ହୋଇଯାଇଛି। ପୂରା ଅଞ୍ଚଳର କଳା ଧୂଆଁରେ ଭରି ଯାଇଥିବା ବେଳେ ଏମର୍ଜେନ୍ସି ସାଇରନ ଶୁଣିବାକୁ ମିଳିଛି। ଯୁଦ୍ଧ ବିମାନ ତଳକୁ ଖସିବା ପରେ ଜଳି ଯାଇଥିବା ବେଳେ ଏହା ମଧ୍ୟରେ ଥିବା ପାଇଲଟଙ୍କ ମୃତ୍ୟୁ ହୋଇଛି। ବିମାନଟି ନିୟନ୍ତ୍ରଣ ହରାଇ ତଳକୁ ଖସିବା ବେଳେ ଏହାର ପାଇଲଟ ବାହାରିବାକୁ ସକ୍ଷମ ହୋଇ ନଥିଲେ। ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବାୟୁସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାୟୁସେନା ପକ୍ଷରୁ କୁହାଯାଇଛି ଯେ ଦୁବାଇ ଏୟାର ଶୋ'ରେ ▶▶ପୃଷ୍ଠା ୭

# ୫ଜଣ ଦାଦନ ଶ୍ରମିକ ସହ ୩ ନାବାଳକ ଉଦ୍ଧାର, ଗୋଟିଏ ବୋଲେରୋ ଗାଡି ଜବତ, ସର୍ଦ୍ଦାର ଗିରଫ

ନୂଆପଡ଼ା,୨୧/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ହାତିବନ୍ଧା ଫୋରଓ୍ୱେ ରାସ୍ତା ଠାରୁ ସିନାପାଲି ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୩ ନାବାଳକଙ୍କୁ ଆଜି ଉଦ୍ଧାର କରିଥିବା ବେଳେ ଏକ ବୋଲେରୋ ଗାଡିକୁ ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ସର୍ଦ୍ଦାର ଜଣକ ହେଲେ ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ର ମୋହନ ଛତ୍ରିଆ, ଦାଦନ ଶ୍ରମିକ ହେଲେ ଲିଟିଗୁଡା ଗ୍ରାମର ପଦମନ ହରପାଲ (୩୬), ମହାଦେବ ବାଗ (୪୫), ପୁଷ୍ତମ ବଗର୍ତୀ (୩୫), ମଞ୍ଜୁଲତା ହରପାଲ (୩୨) ସୁଫଲ ବାଗ (୩୬) ସମେତ ୩ନାବାଳକ। ଜବତ ବୋଲେରୋ ଗାଡି ନମ୍ବର ହେଲା (ଓଡି ୧୬ ୪୨୮୦)। ପ୍ରାପ୍ତ ଖବର ଅନୁସାରେ ଗତ ବୁଧବାର ସଂନ୍ଧ୍ୟା ୭ଟା ବେଳେ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗ ଙ୍କ ନେତୃତ୍ୱ ରେ ଏକ ପୋଲିସ ଟିମ ପେଟ୍ରୋଲିଙ୍ଗ କରୁଥିଲା। ଏହି ସମୟରେ ହାତିବନ୍ଧା ଫୋରଓ୍ୱେ ରାସ୍ତା ଏକ ଢାବା ଠାରେ ସର୍ଦାର ଶ୍ରମିକ ମାନଙ୍କୁ ବୋଲେରୋ ସହଯୋଗ ରେ ଆଣି ବସରେ ଚଢାଇ ହାଇଦ୍ରାବାଦ ନେବାକୁ ରାସ୍ତା କଡରେ ଅପେକ୍ଷା କରିଥିଲା।ଏହି ଦାଦନ ଶ୍ରମିକ ଙ୍କୁ ହାଇଦ୍ରାବାଦ ଦାଦନ ଖଟାଇବାକୁ ନିଆଯାଉଥିଲା।

ହେଲେ ପୋଲିସ ସେମାନଙ୍କୁ ସନ୍ଦେହ କରି ଚଢାଉ କଲା ଏବଂ ଶ୍ରମିକଙ୍କୁ ଉଦ୍ଧାର କରି ଏକ ବୋଲେରୋ ଗାଡି ଜବତ କରିବା ସହ ସର୍ଦାର ଙ୍କୁ ଗିରଫ କରିଥିଲା। ସେଠୁ ଶ୍ରମିକ ମାନଙ୍କୁ ସିନାପାଲି ଥାନା ରେ ଅଧିକ ପଚରା ଉଚରା କରି ସେମାନଙ୍କୁ ଘରକୁ ଛାଡିଥିବା ବେଳେ ସର୍ଦ୍ଦାର ଙ୍କୁ କୋଟ ଚାଲାଣ କରିଛି। ଏନେଇ ସିନାପାଲି ଥାନାରେ କେସ ନମ୍ବର ୩୫୪/୨୫ ଅନୁସାରେ ଏକ ମାମଲା ରୁଜୁ ହୋଇଥିବା ସୁଚନା ମିଳିଛି। ଏହି ଚଢାଉରେ ଥାନାଧିକାରୀ ସମେତ ଏସଆଇ ସହଦେବ ଯୋଶୀ, କନେଷ୍ଟବଳ କ୍ଷେତ୍ର ସରାଫ, ହବେଲଦାର ଅଭିରାମ ଘିଭେଲା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

# ଭୁବନାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ

କେନ୍ଦୁଝର,୨୧/୧୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଅନ୍ତର୍ଗତ ପୁଟୁଳିଆ ସ୍ଥିତ ଭୁବନାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପଦ୍ମପୁର ସରସ୍ୱତୀ ଶି ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ନିରଂଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳା ଉଦଘାଟନ କରିଥିଲେ। ଏଥିରେ ନର୍ସରୀ ଠାରୁ ଦଶମ ପର୍ଯ୍ୟନ୍ତ ପିଲାମାନେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ଦ୍ୱାରା ପାଖା ପାଖି ଏକ ଶହ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରୀ ସାହୁ ସମସ୍ତ ପ୍ରକଳ୍ପକୁ ପର୍ଯ୍ୟବେକ୍ଷଣ କରି ସେମାନଙ୍କ ମଧ୍ଯରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯୋଗ୍ୟ ପ୍ରକଳ୍ପ ଚୟନ କରିଥିଲେ। ସବ୍ ଜୁନିୟର ବିଭାଗରେ ପ୍ରଜ୍ଞା ପରମିତା ମହାନ୍ତି ପ୍ରଥମ, ହିମାନୀ ଦେହୁରୀ ଦ୍ୱିତୀୟ, ଦୀବେସ ମାଝୀ ତୃତୀୟ ହୋଇଥିବାବେଳେ ଜୁନିୟର ବିଭାଗ ସିତେଶ କୁମାର ନାୟକ ଓ ପ୍ରିନ୍ସ ମହାକୁଡ ପ୍ରଥମ, କିରନ ମାଝୀ ଦ୍ୱିତୀୟ ହୋଇଥିବା ବେଳେ ଗୁଲସନ ପିଙ୍ଗୁଆ ତୃତୀୟ ହୋଇଥିଲେ।ସିନିୟର ବିଭାଗରେ ସୁଧାଂଶୁ ମହାନ୍ତି ଓ ଅଙ୍କିତ ପରିଡା ପ୍ରଥମ, ବଶିଶ କୁମାର ବେହେରା ଦ୍ୱିତୀୟ, ଦେବାଶିଷ ମହାନ୍ତି ଏବଂ ସୋମ ସୟାନ ତୃତୀୟ ହୋଇଥିଲା। ଶିକ୍ଷୟତ୍ରୀ ମନୁସ୍ମିତା ବାରିକ୍, ଖୁଲଣା ସାହୁ, ଅନୁପମା ଦେହୁରୀ, ସାଗରିକା ଦେହୁରୀ, ସିପ୍ରା ମହାନ୍ତି, ସୂର୍ଣପ୍ରଭା ପଣ୍ଡା, ଶିକ୍ଷକ ଅବନୀ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

# ମା’ ଦକ୍ଷିଣକାଳୀ ସାହିତ୍ୟ ସଂସଦର କବିତା ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା

କୋରେଇ,୨୧/୧୧ (ନି.ପ୍ର): ମା ଦକ୍ଷିଣକାଳୀ ସାହିତ୍ୟ ସଂସଦ ପକ୍ଷରୁ ଭୁଇଁପୁର ପଂଚାୟତ ଅନ୍ତର୍ଗତ କତରାପୁର ମା କାଳୀପୀଠ ଠାରେ ଆଜି କବିତା ପାଠୋତ୍ସବ ଓ ଭକ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟକ ଭାବେ ସାହିତ୍ୟିକ ବେଣୁଧର ନାୟକ ଓ ମୁଖ୍ୟ ଅତିଥିଭାବେ ଇଶ୍ୱର ଚନ୍ଦ୍ର ଦ୍ୱିବେଦୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଉଦ୍ଘାଟନ କରିଥିଲେ। ପଣ୍ଡିତ ନୀଳମଣି ପଣ୍ଡା ଓ ନାରାୟଣ କର ବେଦପାଠ କରିଥିଲେ । ସାହିତ୍ୟିକା ଶ୍ରମତୀ ପ୍ରତିମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସୁଧାଂଶୁ ଭୂଷଣ ମିଶ୍ର ସମ୍ମାନୀତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ନୃସିଂହ ମିଶ୍ର, ପ୍ରବୀର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ତନୁଜା କୁମାରୀ ସେଠୀ, ସମ୍ମାନୀତ ବକ୍ତା ଭାବେ ଇନ୍ଦ୍ରମଣି ମହାକୁଡ, ଲକ୍ଷ୍ମୀଧର ପତି, ଅମୂଲ୍ୟ କୁମାର ବେହେରା, ନାରାୟଣ ଶତପଥି, ପ୍ରଭାତ ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ତାପସମଂଜରୀ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନଟବର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ଭାବେ ଉଷାରାଣୀ ବେହେରା ଓ ରେଖାରାଣୀ ବାରିକ ଯୋଗଦେଇଥିବା ବେଳେ କୈଳାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ୫୦ରୁ ଉର୍ଦ୍ଧ କବି ଓ କବୟତ୍ରୀ ଯୋଗଦେଇ କବିତା ପାଠ କରି ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଅବସରରେ କାଳୀ କମିଟି ପକ୍ଷରୁ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ଜେନା, ଦିନବନ୍ଧୁ ବେହେରା, ଇଂ ନିତ୍ୟାନନ୍ଦ ରାଉତ, ଶ୍ରୀଧର ସାହୁ, ବ୍ରଜ କିଶୋର କର, ଗୋପାଳ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସାହୁ, ଉପେନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ସାହୁ ବିଶ୍ୱମ୍ବର ସାହୁ, ବଂଶୀଧର ରାଉତଙ୍କୁ ସ୍ୱତନ୍ତ୍ର ଭାବେ କାଳୀ କମିଟିର ମୁଖ୍ୟ ସମ୍ପାଦକ ମଦନ ମୋହନ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ ।

# ତ୍ୟାଗଭୂମି ୨୦୨୫ ପାଇଁ ଚୂଡାନ୍ତ ବୈଠକ

ଭଦ୍ରକ,୨୧/୧୧ (ନି.ପ୍ର): ଚଳିତ ମାସ ନଭେମ୍ବର ମାସ ୨୪ ତାରିଖରୁ ଡିସେମ୍ବର ମାସ ୨ ତାରିଖ ଯାଏ ତ୍ୟାଗଭୂମି ମହୋତ୍ସବ ୨୦୨୫ ମଠ ସାହି ଗୋପାଳ ଜୀଉ ପଡିଆରେ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ଆଜି ଭାଗବତ କଲ୍ୟାଣ ମଣ୍ଡପ ଠାରେ ଏଥିପାଇଁ ଏକ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଆଜିର ଏହି ବୈଠକରେ ୫୦ ଜଣରୁ ଉର୍ଦ୍ଧ ତ୍ୟାଗଭୂମି ପରିବାରର ସଦସ୍ୟ ଯୋଗ ଦେଇ ଥିଲେ। ପ୍ରତି ବର୍ଷ ପରି ସହିଦ ସ୍ମୃତିପିଠ ଇରମ ଓ ସହିଦ ନଗରରୁ ଓଡିଶାର ପାରମ୍ପାରିକ ବାଦ୍ୟ ନୃତ୍ୟ ଓ ଜାତୀୟ ସଙ୍ଗୀତ ଦ୍ୱାରା ଏହି ସହିଦ ସ୍ମୃତି ମଶାଲକୁ କଚେରୀ ବଜାର ମହତାବ ଷ୍ଟେଚ୍ୟୁ ଠାରୁ ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହାକୁ ଗ୍ରହଣ କରିବା ପରେ ଏକ ବର୍ଣ୍ଣାଢ୍ୟ ଢ଼ାଲି ସହ ସଭା ସ୍ଥଳ ମଠ ସାହି ଗୋପାଳ ଜୀଉ ପଡିଆକୁ ନିଆ ଯାଇ ସ୍ଥାପିତ କରାଯିବ। ସାହିତ୍ୟ,କଳା,ସଂସ୍କୃତି, ରାଜନୀତି କ୍ଷେତ୍ରରେ ସୁନାମ ଅର୍ଜନ କରି ଥିବା ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିଦିନ ଓଡିଶାର ବିଭିନ୍ନ ସ୍ଥାନରୁ ଆସି ପ୍ରତିଦିନ ଅତିଥି ଭାବରେ ଅତିଥି ଭାବର ଯୋଗ ଦାନ କରିବେ। ଓଡିଶାର ପ୍ରକ୍ଷାତ କଣ୍ଠଶିଳ୍ପୀ ମାନେ ସୁଦୂର ବଲାଙ୍ଗୀର , ସମ୍ବଲପୁର, ବରଗଡ, କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଆଦି ସ୍ଥାନରୁ ପ୍ରତ୍ୟହ ଯୋଗ ଦେଇ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମିନା ବଜାର ରାମଦୋଳି ତଥା ଗରମ ଗରମ ସୁଖାଦ୍ୟ ଷ୍ଟଲ ମାନ ବସୁଥିବାରୁ ପ୍ରତିଦିନ ହଜାର ହଜାର ଦର୍ଶକ ଏହାର ମଜା ନେବେ। ଏଣୁ ଏହି ମହୋତ୍ସବରେ ଅଧିକ ଦର୍ଶକ ଯୋଗ ଦେଇ ସଂସ୍କୃତିକ କାର୍ଯ୍ୟକ୍ରମକୁ ମନ ଭାରି ଉପଭୋଗ କରିବା ସହ ମନୋହରି ଜିନିଷ ପତ୍ର କ୍ରୟ କରିବା ଓ ଶିତୁଆ ସନ୍ଧ୍ୟାକୁ ମନ ଭାରି ଉପଭୋଗ କରିବାକୁ ନିବେଦନ କରା ଯାଇଛି। ଏହି ପ୍ରସ୍ତୁତି ବୈଠକର ପ୍ରାରମ୍ଭିକରେ ତ୍ୟାଗଭୂମିର ସମ୍ପାଦକ ଗଦାଧର ବଳ ପ୍ରାରମ୍ଭିକ ପ୍ରସସି ସମ୍ପର୍କରେ ବିଷାଦ ବିବରଣୀ ଦେବା ପରେ ସଂଗଠନ ସମ୍ପାଦକ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ସୁଧାକର ରାଉତ, ସଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ଗୌରାଙ୍ଗ ବାରିକ, ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଲଲାଟେନ୍ଦୁ ମହାନ୍ତି, ଶାନ୍ତନୁ ନାୟକ, ଅଶୋକ କୁମାର ମହାନ୍ତି, ଇଂ ବସନ୍ତ ପାଣିଗ୍ରାହୀ , ଜଗନ୍ନାଥପୁର କାଉନ୍ସିଲର ପ୍ରତିନିଧି ପଙ୍କଜ ବଳ, ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ମହିଳା କଲେଜ ଅଧକ୍ଷ ଡଃ ଅଭୟ କୁମାର ଦାସ, ବିଜୟ ବାହାଳି, ଅଶୋକ କୁମାର ଦାସ, ପ୍ରଣବ କୁମାର ସାହୁ, ବାବୁଲାଲ ଦାସ, ଚର୍ଚ୍ଚିକା ମହାପାତ୍ର, କୈଳାସ ଚନ୍ଦ୍ର ପଣ୍ଡା, କବି ଋତୁରାଜ ଅକ୍ଷୟ ମଦନ ମୋହନ ନାୟକ, ଗୋବର୍ଦ୍ଧନ ସାମଲ, ବିଚିତ୍ରାନନ୍ଦ ମହାନ୍ତି, କୈଳାସ ମହାପାତ୍ର, ସେକ ନାସୀର ବକ୍ସ ପ୍ରଭାତ କୁମାର ପାଢି, ପଦ୍ମନ ମନୋରଞ୍ଜନ ଦାସ, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଶତାଧିକ ସଭ୍ୟ ଯୋଗ ଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ନିଜ ନିଜର ମତ ଉପସ୍ଥାପନ କରିଥିଲେ।ସଭା ଶେଷରେ କବି କାଳନ୍ଦି ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ ଶିଶୁ ସମାଚାର ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ

ପୁରୀ,୨୧/୧୧ (ନି.ପ୍ର): ମାସିକ ଶିଶୁ ସମାଚାର ପତ୍ରିକା ପକ୍ଷରୁ ଗୁରୁବାର ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟରେ ଶିଶୁ ମାନଙ୍କ ପାଇଁ ଅଧିକାର ସୁରକ୍ଷିତ ଓ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ଯ ଅତିଥି ଭାବେ ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ସମ୍ମାନିତ ଅତିଥ ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଦି ବେଲ ଅଧକ୍ଷ ସିଦ୍ଧାର୍ଥ ରାୟ, ମହାବୀର ରଦ୍ର ନାରାୟଣ ସାହୁ, ଅବନିଶ ରଥ, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ବିଜୟ ପଣ୍ଡା, ରେଣୁକା ମିଶ୍ର ଯୋଗଦେଇ କହିଥିଲେ ଯେ ଶିଶୁ ମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହୋଇପାରିଲେ ଶିଶୁ ମାନେ ଆଗକୁ ବଢ଼ିବେ ଓ ସମସ୍ତ ବିଷୟରେ ପାରଦର୍ଶିତା ଲାଭ କରିପାରିବେ। ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ସଭାକୁ ସଂଯୋଜନା କରି ସ୍ୱାଗତ କରି ଥିଲାବେଳେ ଶିଶୁ ସମାଚାର ସଂପାଦକ ସୁକାନ୍ତ ପଣ୍ଡା ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରିଥଲେ । ପୂର୍ବରୁ ବରିଷ୍ଠ ଓ କନିଷ୍ଠ ବିଭାଗରେ ବକ୍ତୃତା ପ୍ରତିଯୋଗୀତା ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିଲା । ସେଥିରେ ଶୁଭ ନାରାୟଣ ଶତପଥୀ, ସିଦ୍ଧାର୍ଥ ରାୟ, ମହାବୀର ରୁଦ୍ର ନାରାୟଣ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ କନିଷ୍ଠ ବିଭାଗରେ ଋଷଭ ଦେବ ରଥ, ଦିବ୍ୟସା ମିଶ୍ର, ଆଞ୍ଜେଲା ଅପୂର୍ବ ଦାସ, ଆଦ୍ୟାସା ପଣ୍ଡା ଓ ବରିଷ୍ଠ ବିଭାଗ ଅନୁଷ୍କା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ପୁଷ୍ପାଞ୍ଜଳି ପ୍ରଧାନ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଶେଷରେ ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡା,୨୧/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରଶିକ୍ଷଣ ଶିବିର ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପରିସରରେ ସହକାରୀ ନିର୍ଦ୍ଦେଶକ ଆରତୀ ନାୟକ (ପି ଆଣ୍ଡ ଏସ୍) ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ), ନବକୃଷ୍ଣ ଜେନା (ସାଧାରଣ), ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ (ଏ.ଡି.ଓ) ହେମନ୍ତ କୁମାର ସାମଲ, ବିମା କମ୍ପାନୀ ପରିଚାଳକ ଡାକ୍ତର ରତିକାନ୍ତ ମହନ୍ତ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଧାନ ଶସ୍ୟର ଶସ୍ୟ କାଟ୍ ସମ୍ବନ୍ଧୀୟ, ଧାନ ଶସ୍ୟ ଫସଲର ବିମା ସମ୍ବନ୍ଧୀୟ ଆଲୋଚନା କରିଥିଲେ । ସିସିଇ ଏଗ୍ରିଆପ୍, ଏଗ୍ରି ଏକ୍ସଟେନସନ୍ ଆପ୍ ସମ୍ବନ୍ଧରେ ପ୍ରକାଶ କରାଯାଇଥିଲା । ନିର୍ଦ୍ଦିଷ୍ଟ ଅଂଚଳରେ ବାସ୍ତବରେ କେତେ ପରିମାଣରେ ଫସଲ ଉତ୍ପାଦନ ହୋଇଛି ତାହା ମାପିବା, ପ୍ରାକୃତିକ ବିପଦରେ ଫସଲ କ୍ଷତିର କୃଷକକୁ ଆର୍ଥିକ ସହାୟତା ଦେବା ଲକ୍ଷ୍ୟ, ନୂତନ ଆଧୁନିକ ପ୍ରଣାଳୀ ବ୍ୟବହାର କରି ଚାଷୀ ଉତ୍ସାହିତ କରିବା ଆଦି ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଆଲୋଚନା କରାଯାଇଥିଲା ।

# ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ

ଧର୍ମଶାଳା,୨୧/୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛସେବୀ ସଂଗଠନ ଭାବେ ବିପଦର ବନ୍ଧୁ ପରିବାର ବେଶ୍ ପରିଚିତ । ବିଭନ୍ନ କାର୍ଯ୍ୟକ୍ଷେତ୍ର ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବା ସହ ବହୁମୁଖୀ ଜନସେବା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହିକ୍ରମରେ ଟ୍ରଷ୍ଟ ପକ୍ଷରୁ ବଡକଇଁଚି ପଂଚାୟତ ନରସିହଂପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବ ଟ୍ରଷ୍ଟ ସଭାପତି ନିମାଁଇ ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରେଇ ବିଜେପିର ବରିଷ୍ଠ ନେତା ପ୍ରହଲ୍ଲାଦ ପଣ୍ଡା,ସମ୍ମାନୀତ ଅତିଥିଭାବେ ରାଜ୍ୟ ସଂସ୍କୃତି ସୁରକ୍ଷା ମଂଚ ଉପ-ସଭାପତି ସୁଦାମ ଚରଣ ଦାସ,କଟକ ସେଂଟ୍ରାଲ ରେଡକ୍ରସ୍‌ର କ୍ୟାମ୍ପ ଅର୍ଗାନାଇଜର ଅବିନାଶ ଦାଶ, ଡାକ୍ତର ବସନ୍ତ ପଣ୍ଡା, ପରିବେଶବିତ୍ ଗୋପିନାଥ ପତି, ପୂର୍ବତନ ସିଆରସିସି ପ୍ରଦୀପ ସାମଲ, ଶିକ୍ଷାବିତ୍ କୈଳାସ ରାଉତ, ଶିକ୍ଷକ ଅନନ୍ତ ପାତ୍ର ଓ ରବିନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଟ୍ରଷ୍ଟର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶାଂସା କରିବା ସହିତ ସ୍ଥାନୀୟ ଅଂଚଳର ପ୍ରତିଭାମାନଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରଶ୍ମୀରଂଜନ ପଶାୟତ,ସାମ୍ବାଦିକ ରଂଜିତ ରାଉତ,ପରିବେଶବିତ୍ ତ୍ରିଲୋଚନ ପତି,ସମାଜସେବା ପାଇଁ ଲୋକନାଥ ପଣ୍ଡା,ଦେବୀ ପ୍ରସାଦ ସାହୁ ଓ ହୃଦାନନ୍ଦ ସାହୁ ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ । ଏଥି ସହିତ ଅତିଥିମାନେ ଓ ଟ୍ରଷ୍ଟର କର୍ମକର୍ତ୍ତା ରସୁଲପୁର ବ୍ଲକ ଅଂଚଳର ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଦରିଦ୍ର ନାରାୟଣଙ୍କୁ ଶୀତବସ୍ତ୍ର,ନୂତନ ବସ୍ତ୍ର ଓ ଚାରା ବଂଟନ କରିଥିଲେ ।

# ଆଏବା ଗ୍ରାମ ପଂଚାୟତ ବରିଷ୍ଠ ନାଗରିକ ମଂଚ ଗଠନ

କେନ୍ଦ୍ରାପଡା,୨୧/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମର ଗୋବରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଆଏବା ପଂଚାୟତର ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ପ୍ରାଥମିକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଆଏବା ଗ୍ରାମର ବରିଷ୍ଠ ନାଗରିକ ବିଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସଂଯୋଜିକା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ସ୍ୱାଇଁ ଓ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ପଣ୍ଡା ଯୋଗଦାନ କରି ସଙ୍ଗଠନର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଶିକ୍ଷକ ହୃଶିକେଷ ସାହୁ ଓ ଶିକ୍ଷକ ଅଲେଖ ଚନ୍ଦ୍ର ସେଠୀଙ୍କ ଆବାହକତ୍ୱ ରେ ଗ୍ରାମ ପଂଚାୟତର ଆଦିକନ୍ଦ ସ୍ୱାଇଁ, ନାନୁ ଚରଣ ଦାସ, ସ୍ୱାଧିନ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ ସମେତ ୨୦ ଜଣ ସଦସ୍ୟ ଯୋଗଦାନ କରିଥିଲେ ସଭାପତିଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଥିଲା । ଉପଦେଷ୍ଟା ଭାବେ ଆଦିକନ୍ଦ ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ ଓ ବିଜୟ କୁମାର ସ୍ୱାଇଁ ମନୋନୀତ ହୋଇଥିବା ବେଳେ ଅମୂଲ୍ୟ କୁମାର ସ୍ୱାଇଁ ସଭାପତି ସ୍ୱାଧିନ କୁମାର ସ୍ୱାଇଁ ସଂପାଦକ ହୃଶିକେଷ ସାହୁ କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଥିଲେ ।

# ଆସନ୍ତା ରବିବାର ଟାଟା ଷ୍ଟିଲ୍ ଯୋଡା ରନ୍-ଏ-ଥନ୍: ଅଂଚଳବାସୀ ଉତ୍ସାହିତ

କେନ୍ଦୁଝର,୨୧/୧୧ (ନି.ପ୍ର): ଟାଟା ଷ୍ଟିଲ ଯୋଡା ରନ୍-ଏ-ଥନ୍ ପ୍ରଥମ ସଂସ୍କରଣର ଅହେତୁକ ସଫଳତା ପରେ ଏ ବର୍ଷ ପୁଣି ଆୟୋଜିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ମାନର ଏହି ଗଣଦୌଡ଼। ଟାଟା ଷ୍ଟିଲ ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଗଣଦୌଡକୁ ନେଇ ଖୁବ୍ ଉତ୍ସାହିତ ଅଂଚଳବାସୀ। ଆସନ୍ତା ରବିବାର, ନଭେମ୍ବର ୨୩ ତାରିଖ ଦିନ ଯୋଡା ସହରସ୍ଥିତ କେନ୍ଦ୍ରୀୟ ଖେଳ ପଡିଆଠାରେ ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମ ଏବଂ ଏଥିରେ ଭାଗ ନେବେ ଦେଶର ୪ ହଜାରରୁ ଉର୍ଦ୍ଧ୍ୱ ଧାବକଧାବିକା। ଏନେଇ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିଛି ଏବଂ ଏଥିରେ ଉନ୍ନତ ପ୍ରଦର୍ଶନକରି ବିଜେତା ହେବା ପାଇଁ ଅଂଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଛି। ଶୀତୁଆ ସକାଳକୁ ଖାତିର ନକରି ଅଂଚଳର ଅନେକ ବୃତ୍ତିଗତ ଧାବକଧାବିକା, ସ୍ୱାସ୍ଥ୍ୟ ସଚେତନ ନାଗରିକ ତଥା ପ୍ରାତଃ ଭ୍ରମଣକାରୀ ମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ଜୋରଦାର ପ୍ରସ୍ତୁତି କରୁଥିବା ଦେଖାଯାଉଛି। ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି ଓ ସେମାନେ ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ସେଂଟ୍ରାଲ ଖେଳପଡ଼ିଆ ଓ ଭିଟି କେନ୍ଦ୍ର ପଡ଼ିଆରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ସହର ସାରା ଏହି ଦୌଡ଼ ସମ୍ପର୍କିତ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ଲଗାଯାଇଥିବା ବେଳେ ଏହା ଏବେ ସବୁସ୍ଥାନରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଏବର୍ଷ ଏହି ଦୌଡ଼ର ବିଷୟବସ୍ତୁ ରଖାଯାଇଛି ‘ସବୁଜ ଆଜି, ସବୁଜତମ କାଲି’ ଏବଂ ଏହି ଦୌଡ଼ରେ ସାରା ଦେଶରୁ ଧାବକ/ଧାବିକାମାନେ ଏକ ସୁସ୍ଥ ଏବଂ ସବୁଜ ଭବିଷ୍ୟତ ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ପୁରୁଷ ଓ ମହିଳାଙ୍କ ପାଇଁ ୧୦ କିଲୋମିଟର ଓ ୭ କିଲୋମିଟରର ଦୌଡ଼ (୧୫ ବର୍ଷରୁ ଅଧିକ), ବାଳକ ଓ ବାଳିକା (୧୬ ବର୍ଷରୁ କମ୍) ପାଇଁ ୫ କିଲୋମିଟରର ଦୌଡ଼ ଏବଂ ଦିବ୍ୟାଙ୍ଗ/ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୨ କିଲୋମିଟର ଦୌଡ଼ ଭଳି ତିନୋଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବିଭିନ୍ନ ବର୍ଗରେ ଜିତିବାକୁ ଥିବା ମୋଟ ପୁରସ୍କାର ରାଶି ହେଉଛି ୫ ଲକ୍ଷ ୬୭ ହଜାର ଟଙ୍କା । ପ୍ରକୃତି ପ୍ରତି ଟାଟା ଷ୍ଟିଲ ନିଜର ପ୍ରତିବଦ୍ଧତା ଦର୍ଶାଇ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବ।

# ସଂରକ୍ଷିତ ଜଙ୍ଗଲ ଓ ମହାନଦୀ ପାର୍ଶ୍ୱରେ କଳକାରଖାନା ପ୍ରତିଷ୍ଠାକୁ ଦେଓଗାଁ ସୁରକ୍ଷା ସମିତିର ବିରୋଧ

ସମ୍ବଲପୁର,୨୧/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବ୍ଲକ ଅନ୍ତର୍ଗତ ଦେଓଗାଁ ଠାରେ ଇଥାନଲ କାରଖାନା ନିର୍ମାଣ କରାଇ ନଦେବାକୁ ଉତରାଂଚଳ ଆରଡିସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଓଗାଁ ସୁରକ୍ଷା ସମିତି ବ୍ୟାନରରେ ଆଜି ଶହଶହ ଗ୍ରାମବାସୀ ଏକ ପଟୁଆରରେ ସମ୍ବଲପୁର ସହର ପରିକ୍ରମା କରିଥିଲେ। ପରେ ବିକ୍ଷୋଭ ପ୍ରଦର୍ଶନ ପରେ ଆରଡିସିଙ୍କ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାନଦୀ ନିକଟ ଏବଂ ସଂରକ୍ଷିତ ଜଙ୍ଗଲ ପାଖରେ ଇଥାନଲ କାରଖାନା ନିର୍ମାଣ କରାଯାଉଥିବାରୁ ନିରପେକ୍ଷ ବୈଜ୍ଞାନିକ, ପରିବେଶ ଏବଂ ପ୍ରଶାସନିକ ତଦନ୍ତ ସହ ନଦୀ ଜଳ ପର୍ଯ୍ୟାବରଣ ସୁରକ୍ଷା ଏହି କାରଖାନାକୁ ମଞ୍ଜୁର ପ୍ରକିୟାରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ମହାନଦୀ କିମ୍ବା ସଂରକ୍ଷିତ ଜଙ୍ଗଲ ୨୫କିଲୋମିଟର ପରିବେଷ୍ଟିନୀ ମଧ୍ୟରେ କଳକାରଖାନା ପ୍ରତିଷ୍ଠା ଉପରେ ନିଷେଧାଦେଶ ଜାରି, ଜଙ୍ଗଲ ସମ୍ପଦ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ, ରାଜସ୍ୱ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଘଟଣାର ଯାଂଚ ଏଭଳି କ୍ଷେତ୍ରରେ ଗ୍ରାମ ପଂଚାୟତ ଆଇନ-୧୯୬୪ ଏବଂ ଏଲ୍ଏଆରଆର ଆଇନ-୨୦୧୩କୁ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାସ ଏହି ଦାବି ନେଇ ମାନେଶ୍ୱର ବ୍ଲକ ଅଂଚଳରେ ସମିତି ପକ୍ଷରୁ ପଦଯାତ୍ରା କରାଯାଇଥିଲା। ଏହି ବିକ୍ଷୋଭରେ ସଞ୍ଜିବ ପ୍ରଧାନ, ଜୟବ୍ରତ ଦେ, ଆସଫ୍ ଅଲ୍ଲୀ ଖାନ୍, ମନବୋଧ ଭୋଇ, ହିତେଶ ଟାଙ୍କ, ଦେବ ତିୱାରୀ ଓ ଆଶିଷ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା

କେନ୍ଦ୍ରାପଡା,୨୧/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଲୌହ ମାନବ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ର ଅନୁଷ୍ଠିତ ହୋଇଯାଇଛି । ଅଙ୍ଗୁଳାଇ ହାଇସ୍କୁଲ ପଡିଆ ଠାରୁ ବାହାରି -ରାଜଗଡ଼ ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜିତ ହୋଇଥିଲା । ଏହି ପଦଯାତ୍ରା ରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ । ଗଡ଼ଜାତ ରାଜ୍ୟ ଗୁଡିକୁ ମିଶ୍ରଣ କରି ଭାରତକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଅବଦାନ କୁ ମନେ ପକେଇ ଥିଲେ । ଏହା ସହିତ ଯୁବ ବର୍ଗ ପଟେଲଙ୍କ ନୀତି ଆଦର୍ଶ ଅନୁସରଣ କରି ଭାରତକୁ ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାପାଇଁ ଆହ୍ୱାନ ଦେଇଥିଲେ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏହି ପଦଯାତ୍ରାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ମାଇ ଭାରତ ଯୁବ କେନ୍ଦ୍ରର ଅଧିକାରୀ ତିରୁପତି ଗୋଲୀ ରେଡ୍ଡୀ, ପ୍ରତାପ କୁମାର ଦାସ, କିଶୋର କୁମାର ପଣ୍ଡା, ପ୍ରଶାନ୍ତ ସେଠୀ, ବିଚିତ୍ର କୁମାର ପରିଡା, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ଶପଥପାଠ ମଧ୍ୟ କରାଯାଇଥିଲା । ଏହି ପଦଯାତ୍ରାରେ ଛାତ୍ରଛାତ୍ରୀଙ୍କ ସହିତ ବିଭାଗ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ ।

# ସୁଚିସ୍ମିତା ଦାସ ହେଲେ ଧର୍ମଶାଳାର ବ୍ଲକ ଅଧ୍ୟକ୍ଷା: ବିଜେପୀ କର୍ମୀ ମହଲରେ ଉତ୍ସାହ

ଧର୍ମଶାଳା,୨୧/୧୧ (ନି.ପ୍ର): ସବୁ ପ୍ରତିକ୍ଷାର ଅନ୍ତ ଘଟାଇ ସୁଚିସ୍ମିତା ଦାସ ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧକ୍ଷା । ସୁଚିସ୍ମିତା କ୍ଷେତ୍ରପାଳ ପଂଚାୟତ ସମିତି ସଭ୍ୟା ଅଛନ୍ତି । ଆଜି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେବା ପରେ ବିଜେପି କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ଆଜି ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥୀ ପତ୍ର ଦାଖଲ ନ କରିବାରୁ ସୁଚିସ୍ମିତା ନିଦ୍ୱର୍ନ୍ଦ୍ୱରେ ନିର୍ବାଚତ ହୋଇ ଥିଲେ । ତେବେ ଏହି ଆସନଟି ବିଜେପି ହାତକୁ ଯାଇଛି । ବ୍ଲକ ଅଧକ୍ଷ ପାଇଁ ବହୁ ଆଶାୟୀ ଥିବା ବେଳେ ବିଧାୟକ ହିମାଂଶୁ ଶେଖର ସାହୁ ଶେଷରେ ସୁଚିସ୍ମିତାଙ୍କ ନାମରେ ମୋହର ମାରିଥିଲେ । ସେ ବିଜେପି ସମର୍ଥୀତ ପ୍ରାର୍ଥୀନୀଭାବେ ଏକମାତ୍ର ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ୪୫ପଂଚାୟତକୁ ନେଇ ଗଠିତ ଧର୍ମଶାଳା ବ୍ଲକରେ ଅଧକ୍ଷ ଭାବେ ନିର୍ବାଚିତ ହେବା ପାଇଁ ୨୩ଜଣ ସମିତିସଭ୍ୟ/ସଭ୍ୟାଙ୍କ ସମର୍ଥନ ଆବଶ୍ୟକ ରହିଥିଲା । ତେବେ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ୩୫ରୁ ଉର୍ଦ୍ଧ ସଦସ୍ୟ ବିଜେପି ଶିବିରରେ ସାମିଲ ହୋଇଥିଲେ । ଫଳରେ ଏହି ଅଧକ୍ଷ ପଦ ବିଜେପି ହାତକୁ ଯିବା ଏକ ପ୍ରକାର ସ୍ପଷ୍ଟ ହୋଇ ଥିଲା । ଅନ୍ୟପକ୍ଷରେ ବିରୋଧୀ ବିଜେଡି ଏହି ନିର୍ବାଚନରେ ଅଂଶ ଗ୍ରହଣ ନ କରିବାରୁ ବ୍ଲକ ଅଧକ୍ଷ ପଦକୁ ବିଜେପି ଦାଖଲ କରିଛି । ଶ୍ରୀମତି ଦାସ ନିର୍ବାଚିତ ହେବା ପରେ ବିଜେପି କର୍ମୀ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଏଠାରେ ବିଜେଡି ପରାଜୟ ଭୟରେ ଏହି ନିର୍ବାଚନରୁ ଓହରି ଯାଇଥିଲା । ନବ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଗୋଟି ଚାଳନାରେ ବିଜେଡି ତିତ୍ ହୋଇ ପଡିଥିବା ବେଳେ ଦୀର୍ଘ ଦିନ ଧରି ଧର୍ମଶାଳାରେ ରହିଥିବା ପରିବାରବାଦ ଶାସନ ସମ୍ପୂର୍ଣ୍ଣଭାବେ ସମାପ୍ତ ହୋଇଛି ବୋଲି କର୍ମୀମାନେ କହିଛନ୍ତି । ସେପଟେ ଏହି ସବୁ ସମ୍ଭବ ହୋଇଛି କେବଳ ପ୍ରିୟ ବିଧାୟକ ଶ୍ରୀ ସାହୁଙ୍କ ପାଇଁ ।

# ମହିଳାଙ୍କ ପାଇଁ ବହୁ ଉପକାରୀ ଏହି ୫ ଯୋଗାସନ: ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତ ମିଳିବା ସହିତ ଏସବୁ ସମସ୍ୟାରୁ ମିଳିଥାଏ ମୁକ୍ତି

ବାଲାସନ ଏକ ଅତି ସହଜ ଯୋଗାସନ। ଏଥିପାଇଁ ପ୍ରଥମେ ଦୁଇ ଗୋଡ଼କୁ ଆଣ୍ଠୁରୁ ବଙ୍କା କରି ଏବଂ ତଳକୁ ନଇଁ ଏବଂ ମୁଣ୍ଡକୁ ରଖି ବଜ୍ରାସନରେ ବସନ୍ତୁ। ଆପଣଙ୍କ ହାତ ସାମ୍ନାରେ ରଖନ୍ତୁ। ପ୍ରାୟ ୩୦ ସେକେଣ୍ଡ୍ ପାଇଁ ଏହି ପୋଜିସନ୍‌ରେ ରୁହନ୍ତୁ। ଏହି ଆସନ କେବଳ ପିରୟଡ୍ସ ବା ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ଦିଏ ନାହିଁ ବରଂ ନମନୀୟତା ମଧ୍ୟ ବୃଦ୍ଧି କରେ। ସେହି ସମୟ ମଧ୍ୟରେ ଚାପ ହ୍ରାସ କରି ମନୋଭାବ ପରିବର୍ତ୍ତନକୁ ରୋକିଥାଏ।





ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବା ସହିତ ପରିସ୍ରା ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବାରେ ବଜ୍ରାସନ ଲାଭଦାୟକ। ଏହି ଆସନ ଆପଣଙ୍କ ପେଲଭିକ୍ ଫ୍ଲୋର ମାଂସପେଶୀକୁ ମଜବୁତ କରେ ଏବଂ ଚାପ ମଧ୍ୟ ହ୍ରାସ କରେ। ଏହା କରିବା ପାଇଁ, ଆପଣଙ୍କ ଗୋଡ଼କୁ ମୋଡ଼ି ବସନ୍ତୁ ଏବଂ ଆପଣଙ୍କ ପିଠି ସିଧା ରଖନ୍ତୁ। ଏହା ହଜମ ପାଇଁ ମଧ୍ୟ ବହୁତ ଲାଭଦାୟକ ଏବଂ ଖାଇବା ପରେ ମଧ୍ୟ ଏହା କରାଯାଇପାରିବ।



ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣାରୁ ପାଇବା ପାଇଁ ପ୍ରଜାପତି ଆସନ କରିବା ମଧ୍ୟ ବହୁତ ଲାଭଦାୟକ। ଏହି ଆସନ ପ୍ରଜନନ ଅଙ୍ଗକୁ ମଧ୍ୟ ଶକ୍ତିଶାଳୀ କରିଥାଏ ଏବଂ ଗର୍ଭାବସ୍ଥାରେ ଏହାକୁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା କରିବା ମଧ୍ୟ ବହୁତ ସହଜ। ଏହି ଆସନ ଆପଣଙ୍କୁ ଚାପରୁ ଦୂରେଇ ରଖିବାରେ ମଧ୍ୟ ସାହାଯ୍ୟ କରେ।



ମତ୍ସ୍ୟାସନ ମହିଳାମାନଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହି ଆସନଗୁଡ଼ିକ କରିବା ଦ୍ୱାରା ମହିଳାମାନେ ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ପାଆନ୍ତି ଏବଂ ଥାଇରଏଡରୁ ସୁରକ୍ଷିତ ରହନ୍ତି। ଏହି ଆସନ କରିବା ଦ୍ୱାରା ପ୍ରଜନନ ସ୍ୱାସ୍ଥ୍ୟର ଉନ୍ନତି ମଧ୍ୟ ହେବ।



ଋତୁସ୍ରାବ ସମୟରେ ପ୍ରାୟତଃ ମନୋଭାବ ପରିବର୍ତ୍ତନ ହୁଏ। ଏହାକୁ ଏଡ଼ାଇବା ପାଇଁ, ମହିଳାମାନେ ଅନୁଲୋମ-ବିଲୋମ ଅଭ୍ୟାସ କରିବା ଉଚିତ। ଏହି ଆସନ କରିବା ଦ୍ୱାରା ଶାନ୍ତି ଅନୁଭବ ହୁଏ ଏବଂ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏହି ପ୍ରାଣାୟମ ଚର୍ମ ପାଇଁ ମଧ୍ୟ ଲାଭଦାୟକ।

# ଆଖି ପାଇଁ ଉପକାରୀ ସପୁରୀ




ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇହୁଏ। ବିଶେଷ କରି ଖରାଦିନେ ଓ ବର୍ଷାଦିନେ ଟିକେ ଅଧିକ ପରିମାଣରେ ସପୁରୀ ମିଳିଥାଏ। ଏହି ସପୁରୀ ରସ ଆଖି ପାଇଁ ବେଶ ଲାଭଦାୟକ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

♦ସପୁରୀ ରସରରେ ଥିବା ବ୍ରୋମେଲେନ ବିଭିନ୍ନ ପ୍ରକାର ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ।

♦ଏଥିରେ ଥିବା ଏନଜାଇମ ପ୍ରୋଟିନକୁ ହଜମ କରିବାରେ ସହାୟକ ହୋଇଥାଏ। -ସପୁରୀ ରସରେ ଥିବା ଭିଟାମିନ ସି ଓ ପୋଟାସିୟମ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

♦ସୁପରୀ ରସ ପିଇଲେ ମୃତ କୋଷିକା ଗୁଡିକ ସହଜରେ ବାହାରି ଯାଆନ୍ତି। ଫଳରେ ଚର୍ମ ଉଜ୍ଜ୍ୱଳ ହୋଇଥାଏ।

♦ଏହି ରସକୁ ପିଇବା ଫଳରେ ଦାନ୍ତ ବା ମୁଖରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇ ଯାଇଥାଆନ୍ତି।

# ମଣିଷ ଚିହ୍ନିବାରେ ଭୁଲ୍ କରିଦେଇଥିବାରୁ କରୁଛନ୍ତି କି ପଶ୍ଚାତାପ ? ଜାଣି ରଖନ୍ତୁ...

ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତିଶାସ୍ତ୍ରରେ ବ୍ୟକ୍ତିର ସ୍ୱଭାବ ବିଷୟରେ ଅନେକ କିଛି ଉଲ୍ଲେଖ କରିଛନ୍ତି। ଏହାକୁ ଆପଣାଇବା କଷ୍ଟକର ହୋଇଥିଲେ ହେଁ ଯିଏ ତାହା କରିପାରନ୍ତି ତାଙ୍କର ଜୀବନ ସୁଖମୟ ହୋଇଥାଏ। ସେଥିରୁ ଗୋଟିଏ ହେଲା ମଣିଷ ଚିହ୍ନିବା। ଆଜିର ବ୍ୟସ୍ତବହୁଳ ସମୟରେ ମଣିଷ ଚିହ୍ନିବାରେ ଭୁଲ ହୋଇଯାଇଥାଏ। ଏପରି ନ ହେବା ଲାଗି ଚାଣକ୍ୟ ନୀତିର ପଞ୍ଚମ ଅଧ୍ୟାୟର ଦ୍ୱିତୀୟ ଶ୍ଳୋକରେ



କହିଛନ୍ତି:

ଘୋରିବା, କାଟିବା , ନିଆଁରେ ତତାଇବା ଏବଂ ପିଟିବା। ଏହି ଚାରି ଜିନିଷ ବ୍ୟବହାର କରି ସୁନାର ଶୁଦ୍ଧତା ପରୀକ୍ଷା କରାଯାଇଥାଏ। ଠିକ ସେଭଳି ବ୍ୟକ୍ତିର ପରିଚୟ ତାର ଆଚରଣ, ଗୁଣ, ତ୍ୟାଗ ଏବଂ କର୍ମ ଭାବନା ଆଦିକୁ ନେଇ ହୋଇଥାଏ।

- ଚାଣକ୍ୟ କୁହନ୍ତି ଭଲ ଏବଂ ସଚ୍ଚୋଟ ବ୍ୟକ୍ତିମାନଙ୍କ ମନରେ ତ୍ୟାଗର ଭାବନା ଥାଏ। ଯିଏ ଅନ୍ୟର ସୁଖ ପାଇଁ କିଛି କରିପାରେନାହିଁ, ସେ ଭଲ ମଣିଷ ନୁହେଁ। ଅନ୍ୟର ଖୁସି ପାଇଁ ନିଜର ଖୁସିକୁ ତ୍ୟାଗ କରୁଥିବା ବ୍ୟକ୍ତିକୁ ଭଲ ମଣିଷ ଭାବେ ଗଣାଯାଏ।

- ଚାଣକ୍ୟ କୁହନ୍ତି ବ୍ୟକ୍ତିକୁ ପରଖିବାର ପ୍ରମୁଖ ଗୁଣ ହେଉଛି ଚରିତ୍ର। ଯେଉଁମାନେ କୁକର୍ମ କରନ୍ତି ନାହିଁ ଏବଂ ଅନ୍ୟମାନଙ୍କ ପାଇଁ ନିଜ ମନରେ ଭୁଲ ଭାବନା ରଖନ୍ତି ନାହିଁ ସେମାନେ ହିଁ ଶ୍ରେଷ୍ଠ।

- ଚାଣକ୍ୟ କୁହନ୍ତି, ଯଦି କୌଣସି ବ୍ୟକ୍ତିର ସ୍ୱଭାବ କିଭଳି ଜାଣିବାକୁ ଚାହାନ୍ତି ତେବେ ତା ମଧ୍ୟରେ କି-କି ଗୁଣ ରହିଛି ତାହା ଦେଖିବା ଉଚିତ। ଯଦି ବ୍ୟକ୍ତି ବେଶି ରାଗୁଥାଏ, କଥା କଥାରେ ମିଛ କହୁଥାଏ, ଅହଙ୍କାର ଭର୍ତ୍ତି ଥାଏ ଏବଂ ଅନ୍ୟର ଅପମାନ କରେ, ତେବେ ଏଭଳି ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

- ଚାଣକ୍ୟ କୁହନ୍ତି, ବ୍ୟକ୍ତି କେଉଁ ପରିବାରରେ ଜନ୍ମ ନେଇଛି, ବ୍ୟକ୍ତିର କର୍ମ କିଭଳି ତାହା ଜାଣିବା ଉଚିତ। କାରଣ ଏହି ଜିନିଷ ଆଧାରରେ ଜଣେ ବ୍ୟକ୍ତିଙ୍କୁ ପରଖା ଯାଇ ପାରିବ।

# କୋଲେଷ୍ଟରଲ କମ୍ କରାଏ କାଜୁ

**କାଜୁ ଖାଇବା ଲାଗି ସ୍ୱାଦିଷ୍ଟ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର। ଏଥିରେ ଭିଟାମିନ ଓ ପ୍ରୋଟିନ୍ ?ର ମାତ୍ରା ଅଧିକ ରହିଥାଏ। ଏହାକୁ ଖାଇବା ଲାଭଜନକ ହେବା ସହ ଅନେକ ରୋଗକୁ ମୁକ୍ତି ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**

କାଜୁ ହାଡ଼ ଶକ୍ତ କରିବା ସହ ହାର୍ଟ ରୋଗରୁ ମୁକ୍ତି ଦେଇଥାଏ।
ଏହା କୋଲେଷ୍ଟରଲ ପରିମାଣ କମ କରିଥାଏ। ଏହା ଶରୀରରେ ଆଇରନ ପରିମାଣ ବଢ଼ାଇଥାଏ।
ଏହା ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ।
ତ୍ୱଚା ଉଜ୍ଜ୍ୱଳ ଦେଖାଯାଇଥାଏ।
ମସ୍ତିଷ୍କ ରୋଗରୁ ମୁକ୍ତି ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରିଥାଏ।



# ଡାଇବେଟିସ୍ ରୋଗୀଙ୍କ ପାଇଁ ପଇଡ଼ ପାଣି କେତେ ସୁରକ୍ଷିତ, ଜାଣନ୍ତୁ

**ପଇଡ଼ ପାଣିକୁ ପ୍ରାକୃତିକ ଶକ୍ତି ପାନୀୟ କୁହାଯାଇଥାଏ। ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପିଇବା ପାଇଁ ପସନ୍ଦ କରିଥାନ୍ତି। ଏହା ଶରୀରକୁ ହାଇଡ୍ରେଟ୍ କରେ, ଇଲେକ୍ଟ୍ରୋଲାଇଟ୍ସ ପୂରଣ କରେ ଏବଂ ଥକ୍କାପଣ ଦୂର କରିବାରେ ସାହାଯ୍ୟ କରେ। କିନ୍ତୁ କେବେ ଭାବିଛନ୍ତି କି ପଇଡ଼ ପାଣି ଡାଇବେଟିସ୍ ରୋଗୀଙ୍କ ଉପରେ କ'ଣ ପ୍ରଭାବ ପକାଇଥାଏ ? ତେବେ ଜାଣନ୍ତୁ ଏହି ପାଣି ଡାଇବେଟିସ୍ ରୋଗୀଙ୍କ ପାଇଁ କେତେ ସୁରକ୍ଷିତ ଜାଣନ୍ତୁ ସେ ସମ୍ପର୍କରେ...**

➔ ପଇଡ଼ ପାଣିରେ ଥିବା ମିଠା ପ୍ରାକୃତିକ, ଯାହା ମୁଖ୍ୟତଃ ଗ୍ଲୁକୋଜ ଏବଂ ଫ୍ରୁକ୍ଟୋଜ ଭଳି ସୁଗାର ଉପାଦାନରୁ ଆସିଥାଏ। ଏକ ମଧ୍ୟମ ଆକାରର ପଇଡ଼ରେ ପ୍ରାୟ ୨୦୦-୨୫୦ ମିଲି ପାଣି ଥାଏ, ଯେଉଁଥିରେ ପ୍ରାୟ ୫-୬ ଗ୍ରାମ ପ୍ରାକୃତିକ ସୁଗାର ରହିଥାଏ। ଏହି ପରିମାଣ ବହୁତ ଅଧିକ ନୁହେଁ, କିନ୍ତୁ ଏହା ସମ୍ପୂର୍ଣ୍ଣ ଶୂନ୍ୟ ମଧ୍ୟ ନୁହେଁ। ଏପରି ପରିସ୍ଥିତିରେ ଏହାକୁ ସନ୍ତୁଳିତ ପରିମାଣରେ ପିଇବା ଠିକ୍।

➔ ପଇଡ଼ ପାଣିରେ ସୁଗାର ପରିମାଣ କମ୍ ଥାଏ ଏବଂ ଏହା ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବା ପାନୀୟ। ଏହାର ଅର୍ଥ ହେଉଛି ଏହା ବ୍ଲଡ୍ ସୁଗାରକୁ ଧୀରେ ଧୀରେ ବୃଦ୍ଧି କରେ। ଯାହା ରକ୍ତରେ ଶର୍କରାର ହଠାତ୍ ବୃଦ୍ଧି ହେବାର ଆଶଙ୍କାକୁ ହ୍ରାସ କରେ।

➔ ତଥାପି ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରତ୍ୟେକ ପ୍ରକାରର ମିଠା ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ବ୍ୟକ୍ତି ଦିନକୁ ଅନେକ ଥର କିମ୍ବା ଅତ୍ୟଧିକ ପରିମାଣରେ ପଇଡ଼ ପାଣି ପିଅନ୍ତି, ତେବେ ଏହା ତାଙ୍କ ବ୍ଲଡ୍ ସୁଗାରକୁ ପ୍ରଭାବିତ କରିପାରେ, ବିଶେଷକରି ଯଦି ଏହା ପୂର୍ବରୁ ଅନିୟନ୍ତ୍ରିତ ଥାଏ।

➔ ଏଥିରେ ପୋଟାସିୟମ, ମ୍ୟାଗ୍ନେସିୟମ, କ୍ୟାଲସିୟମ ଭଳି ଉପାଦାନ ରହିଛି, ଯାହା ହାର୍ଟ ଏବଂ ମାଂସପେଶୀକୁ ଭଲ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ।

➔ ପଇଡ଼ ପାଣିରେ କୌଣସି ଚର୍ବି ନାହିଁ ଏବଂ ଏହାର କ୍ୟାଲୋରୀ ମଧ୍ୟ ବହୁତ କମ୍। ଏହା ମେଦବହୁଳତା ହ୍ରାସ କରିବା ଏବଂ ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ଡାଇବେଟିସ୍ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞ କୁହନ୍ତି।

କିଛି ଅଧ୍ୟୟନରୁ ଜଣାପଡ଼ିଛି, ପଇଡ଼ ପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର ଇନ୍ସୁଲିନ ବ୍ୟବହାର କରିବାର କ୍ଷମତାକୁ ଉନ୍ନତ କରିପାରେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବଢୁଥିବା ଆର୍ଥିକ ଅସମାନତାର ଚିତ୍ର

ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ନିଜର ସ୍ଥାନ ବଜାୟ ରଖିଥିଲେ ମଧ ଏହାର ଅନ୍ତରାଳରେ ଲୁଚି ରହିଥିବା ଏକ କଟୁ ସତ୍ୟ କ୍ରମଶଃ ପଦାକୁ ଆସୁଛି । ସଦ୍ୟତମ ବିଶ୍ୱ ଅସମାନତା ରିପୋର୍ଟର ପରିସଂଖ୍ୟାନ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରୁଛି ଯେଉଁଠାରେ ପୁଞ୍ଜିର ମାଲିକ ବା ଧନୀ ଶ୍ରେଣୀ ଅଧିକରୁ ଅଧିକ ଲାଭବାନ ହେଉଥିବା ବେଳେ ଦେଶର ମେରୁଦଣ୍ଡ ସାଜିଥିବା ଶ୍ରମିକ ଶ୍ରେଣୀ କ୍ରମାଗତ ଭାବରେ କ୍ଷତି ସହୁଛନ୍ତି । ପୁଞ୍ଜି ଏବଂ ଶ୍ରମ ମଧରେ ବଢୁଥିବା ଏହି ତାରତମ୍ୟ କେବଳ ଏକ ଅର୍ଥନୈତିକ ସମସ୍ୟା ନୁହେଁ, ବରଂ ଏହା ଏକ ଗମ୍ଭୀର ସାମାଜିକ ସଙ୍କଟର ସୂଚନା ଦେଉଛି । ଅର୍ଥନୀତିର ଭାଷାରେ କହିବାକୁ ଗଲେ, ଜାତୀୟ ଆୟରେ 'କ୍ୟାପିଟାଲ ସେୟାର' ବା ପୁଞ୍ଜିର ଅଂଶ ବୃଦ୍ଧି ପାଉଥିବା ବେଳେ 'ଲେବର ସେୟାର' ବା ଶ୍ରମିକର ଅଂଶ ହ୍ରାସ ପାଉଛି, ଯାହା ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଆଦୌ ଶୁଭଙ୍କର ନୁହେଁ ।

ତଥ୍ୟ ଉପରେ ନଜର ପକାଇଲେ ଦେଖାଯାଏ ଯେ ବର୍ତ୍ତମାନ ଭାରତରେ ଆର୍ଥିକ ଅସମାନତା ବ୍ରିଟିଶ ଶାସନ ସମୟର ଅସମାନତାକୁ ମଧ ପଛରେ ପକାଇ ଦେଇଛି । ଉପଲବ୍ଧ ପରିସଂଖ୍ୟାନ ଅନୁଯାୟୀ, ଦେଶର ମାତ୍ର ୧ ପ୍ରତିଶତ ଧନୀ ବ୍ୟକ୍ତିଙ୍କ ହାତରେ ଦେଶର ସମୁଦାୟ ସମ୍ପତ୍ତିର ପ୍ରାୟ ୪୦.୧ ପ୍ରତିଶତ ରହିଛି । ଅନ୍ୟପକ୍ଷରେ, ଜନସଂଖ୍ୟାର ତଳ ଭାଗରେ ଥିବା ୫୦ ପ୍ରତିଶତ ଲୋକଙ୍କ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ମାତ୍ର ୬.୪ ପ୍ରତିଶତ ଭାଗ ରହିଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରେ ଯେ ଅର୍ଥନୈତିକ ଅଭିବୃଦ୍ଧିର ଲାଭ ସମାନ ଭାବରେ ବଣ୍ଟନ ହେବା ପରିବର୍ତ୍ତେ କେବଳ ମୁଷ୍ଟିମେୟ ପୁଞ୍ଜିପତିଙ୍କ ସିନ୍ଦୁକ ଭରୁଛି । ଯେତେବେଳେ ଗୋଟିଏ ପଟେ କର୍ପୋରେଟ୍ ଜଗତର ଲାଭ ଆକାଶଛୁଆଁ ହେଉଛି, ଅନ୍ୟ ପଟେ ସାଧାରଣ ଶ୍ରମିକର ବାସ୍ତବ ଆୟ ବା 'ରିଅଲ୍ ୱେଜ୍' ସ୍ଥାଣୁ ହୋଇ ରହିଛି କିମ୍ବା ମୁଦ୍ରାସ୍ଫୀତି କାରଣରୁ କମିବାରେ ଲାଗିଛି । ଏହି ବ୍ୟବଧାନ ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଉଛି ପୁଞ୍ଜି ଏବଂ ଶ୍ରମ ମଧ୍ୟରେ ଆୟ ବଣ୍ଟନର ଅସନ୍ତୁଳନ । ଗତ କିଛି ବର୍ଷ ମଧ୍ୟରେ, ବିଶେଷକରି କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ, କର୍ପୋରେଟ୍ କମ୍ପାନୀଗୁଡ଼ିକର ଲାଭରେ ଅଭୁତପୂର୍ବ ବୃଦ୍ଧି ଘଟିଛି । ୨୦୨୪ ଆର୍ଥିକ ବର୍ଷର ତଥ୍ୟ ଅନୁଯାୟୀ, କର୍ପୋରେଟ୍ ଲାଭରେ ପ୍ରାୟ ୨୨.୩ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ନିଯୁକ୍ତି ସୁଯୋଗରେ ମାତ୍ର ୧.୫ ପ୍ରତିଶତ ବୃଦ୍ଧି ଘଟିଛି । ଏହାର ଅର୍ଥ ହେଲା, କମ୍ପାନୀଗୁଡ଼ିକ ଅଧିକ ଲାଭ କରୁଛନ୍ତି ସତ, କିନ୍ତୁ ସେହି ଅନୁପାତରେ ନୂତନ ନିଯୁକ୍ତି ସୃଷ୍ଟି କରୁନାହାନ୍ତି କିମ୍ବା କର୍ମଚାରୀଙ୍କ ଦରମା ବଢାଉନାହାନ୍ତି । ଏହାକୁ ଅର୍ଥନୀତିଜ୍ଞମାନେ 'ଜବଲେସ୍ ଗ୍ରୋଥ୍' ବା ନିଯୁକ୍ତିବିହୀନ ଅଭିବୃଦ୍ଧି ବୋଲି କହୁଛନ୍ତି । ପୁଞ୍ଜିପତିମାନେ ଟେକ୍ନୋଲୋଜି ଏବଂ ଅଟୋମେସନ୍ ଉପରେ ଅଧିକ ନିବେଶ କରୁଥିବାରୁ ଉତ୍ପାଦନ ବଢୁଛି, କିନ୍ତୁ ଶ୍ରମିକର ଆବଶ୍ୟକତା କମୁଛି, ଯାହା ଫଳରେ ଶ୍ରମିକର ମୂଲଚାଲ କରିବାର କ୍ଷମତା ହ୍ରାସ ପାଉଛି । ଆହୁରି ମଧ, ସରକାରୀ ନୀତିଗୁଡ଼ିକ ଅନେକ ସମୟରେ ପୁଞ୍ଜିପତିଙ୍କ ସପକ୍ଷରେ ଯାଉଥିବା ପରି ମନେହୁଏ । କର୍ପୋରେଟ୍ ଟିକସ ହ୍ରାସ କରାଯିବା ଦ୍ୱାରା କମ୍ପାନୀଗୁଡ଼ିକର ଲାଭ ବଢୁଛି, କିନ୍ତୁ ଏହାର ସୁଫଳ ତଳସ୍ତରର କର୍ମଚାରୀଙ୍କ ପାଖରେ ପହଞ୍ଚୁନାହିଁ । ଯେତେବେଳେ ଜଣେ ଧନୀ ବ୍ୟକ୍ତି ନିଜର ପୁଞ୍ଜି ନିବେଶରୁ (ଯଥା ସେୟାର ବଜାର, ଘରଭଡ଼ା, ଡିଭିଡେଣ୍ଡ) ଘରେ ବସି ବିପୁଳ ଆୟ କରୁଛନ୍ତି, ସେତେବେଳେ ଜଣେ ଶ୍ରମିକ ଦିନରାତି ପରିଶ୍ରମ କରି ମଧ ନିଜ ପରିବାରର ମୌଳିକ ଆବଶ୍ୟକତା ମେଣ୍ଟାଇବାକୁ ସଂଘର୍ଷ କରୁଛି । ଏହି ପ୍ରକ୍ରିୟା 'କେ-ସେପ୍ଡ ରିକଭରି' (**K-shaped recovery**) ର ଏକ ଜ୍ୱଳନ୍ତ ଉଦାହରଣ, ଯେଉଁଠାରେ ଧନୀ ଆହୁରି ଧନୀ ହେଉଛନ୍ତି ଏବଂ ଗରିବ ଆହୁରି ଗରିବ ହେଉଛନ୍ତି । ଏହି ଅସମାନତାର ପ୍ରଭାବ କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଯେତେବେଳେ ସମାଜର ଏକ ବୃହତ ଅଂଶ ଆର୍ଥିକ ଅନଟନ ମଧ୍ୟରେ ଗତି କରେ, ସେତେବେଳେ ବଜାରରେ ଚାହିଦା (**Demand**) କମିଯାଏ । କାରଣ, ଧନୀ ଲୋକମାନେ ସେମାନଙ୍କ ଆୟର ଏକ ବଡ଼ ଅଂଶ ସଞ୍ଚୟ କିମ୍ବା ନିବେଶ କରନ୍ତି, କିନ୍ତୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ନିଜ ଆୟର ଅଧିକାଂଶ ଭାଗ ଉପଭୋଗରେ ଖର୍ଚ୍ଚ କରନ୍ତି । ଯଦି ଶ୍ରମିକଙ୍କ ହାତରେ ପଇସା ନରହିବ, ତେବେ ବଜାରରେ ଜିନିଷ କିଣିବ କିଏ ? ଫଳସ୍ୱରୂପ, ଦୀର୍ଘମିଆଦୀ ଭିତ୍ତିରେ ଏହା ଅର୍ଥନୀତିର ଗତିକୁ ମନ୍ଥର କରିଦେବାର ଆଶଙ୍କା ରହିଛି । ଏହା ବ୍ୟତୀତ, ଅତ୍ୟଧିକ ଅସମାନତା ସାମାଜିକ ଅଶାନ୍ତି, ଅପରାଧ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାର ମୁଖ୍ୟ କାରଣ ସାଜିପାରେ।

ବିଶ୍ୱ ସ୍ତରରେ ମଧ ଏହି ଧାରା ପରିଲକ୍ଷିତ ହେଉଛି। ୧୯୯୦ ରୁ ୨୦୨୪ ମଧ୍ୟରେ ବିଶ୍ୱର ପ୍ରାୟ ୫୬ ପ୍ରତିଶତ ଦେଶରେ ଜାତୀୟ ଆୟରେ ପୁଞ୍ଜିର ଅଂଶ ବୃଦ୍ଧି ପାଇଛି । କିନ୍ତୁ ଭାରତ ପରି ଏକ ବିକାଶଶୀଳ ତଥା ଜନବହୁଳ ଦେଶ ପାଇଁ ଏହା ଅଧିକ ଚିନ୍ତାଜନକ । କାରଣ ଆମ ଦେଶରେ ସାମାଜିକ ସୁରକ୍ଷା ବ୍ୟବସ୍ଥା (ଯଥା ବେକାରୀ ଭତ୍ତା, ସାର୍ବଜନୀନ ସ୍ୱାସ୍ଥ୍ୟସେବା) ବିକଶିତ ଦେଶମାନଙ୍କ ପରି ସୁଦୃଢ଼ ନୁହେଁ । ତେଣୁ, ଆୟ କମିଲେ କିମ୍ବା ଚାକିରି ଗଲେ ଏଠାକାର ଶ୍ରମିକ ସିଧାସଳଖ ଦାରିଦ୍ର୍ୟର ଚରମ ସୀମାରେ ପହଞ୍ଚିଯାଏ।

ଏହି ପରିପ୍ରେକ୍ଷୀରେ, ସରକାର ଏବଂ ନୀତି ନିର୍ଦ୍ଧାରକମାନେ କେବଳ ଜିଡିପି (**GDP**) ଅଭିବୃଦ୍ଧିର ସଂଖ୍ୟା ଦେଖି ଆତ୍ମସନ୍ତୋଷ ଲାଭ କରିବା ଉଚିତ ନୁହେଁ । ଅଭିବୃଦ୍ଧିର ସୁଫଳ ଯେପରି ସମାଜର ଶେଷ ବ୍ୟକ୍ତି ପାଖରେ ପହଞ୍ଚିବ, ସେଥିପାଇଁ କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ପ୍ରଥମତଃ, ସମ୍ପତ୍ତି କର (**Wealth Tax**) ଏବଂ ଉତ୍ତରାଧିକାରୀ କର (**Inheritance Tax**) ଭଳି ବ୍ୟବସ୍ଥା ଉପରେ ପୁନର୍ବିଚାର କରିବାର ସମୟ ଆସିଛି, ଯାହା ଦ୍ୱାରା ଅତ୍ୟଧିକ ସମ୍ପତ୍ତି ଠୁଳ କରିଥିବା ବ୍ୟକ୍ତିଙ୍କଠାରୁ ରାଜସ୍ୱ ଆଦାୟ କରାଯାଇ ଜନକଲ୍ୟାଣରେ ବିନିଯୋଗ କରାଯାଇପାରିବ । ଦ୍ୱିତୀୟତଃ, ଶ୍ରମ ଆଇନକୁ ସୁଦୃଢ଼ କରିବା ସହ ସର୍ବନିମ୍ନ ମଜୁରୀକୁ ମୁଦ୍ରାସ୍ଫୀତି ସହ ଯୋଡ଼ି ବୃଦ୍ଧି କରିବା ଏକାନ୍ତ ଆବଶ୍ୟକ । ତୃତୀୟତଃ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବିନିଯୋଗ ବୃଦ୍ଧି କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତ ପିଢ଼ି ପାଇଁ ସମାନ ସୁଯୋଗ ସୃଷ୍ଟି ହୋଇପାରିବ।

ପରିଶେଷରେ, ଏହା ବୁଝିବା ଜରୁରୀ ଯେ ଶ୍ରମିକ ବିନା ପୁଞ୍ଜିର କୌଣସି ମୂଲ୍ୟ ନାହିଁ । ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପୁଞ୍ଜିପତି ଏବଂ ଶ୍ରମିକ ଉଭୟଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ଅସମାନତା ରିପୋର୍ଟର ପରିସଂଖ୍ୟାନ ଆମକୁ ଚେତାଇ ଦେଉଛି ଯେ ସମୟ ଥାଉ ଥାଉ ଆମେ ଯଦି ଏହି ବଢୁଥିବା ଖାଲକୁ ପୂରଣ ନକରିବା, ତେବେ ଭବିଷ୍ୟତରେ ଏହା ଏକ ବିରାଟ ଗହ୍ୱରରେ ପରିଣତ ହେବ ଯାହାକୁ ଅତିକ୍ରମ କରିବା ଅସମ୍ଭବ ହୋଇପଡ଼ିବ। ବିକାଶର ଅର୍ଥ କେବଳ ଅଟ୍ଟାଳିକାର ଉଚ୍ଚତା ନୁହେଁ, ବରଂ ସାଧାରଣ ମଣିଷର ଜୀବନଧାରଣର ମାନରେ ଉନ୍ନତି । ତେଣୁ, 'ସବକା ସାଥ୍, ସବକା ବିକାଶ'ର ସ୍ଲୋଗାନକୁ ବାସ୍ତବ ରୂପ ଦେବାକୁ ହେଲେ ଆର୍ଥିକ ଅସମାନତା ଦୂର କରିବାକୁ ପ୍ରାଥମିକତା ଦେବାକୁ ପଡ଼ିବ ।

## ଶେଖ୍ ହସିନା ଏବଂ ବନ୍ଦୀ ପ୍ରତ୍ୟର୍ପଣ ଚୁକ୍ତି



ବିଷ୍ଣୁ ପ୍ରସାଦ ଦାସ



ସମ୍ପ୍ରତି ଭାରତର କିଛି ପଡୋଶୀ ରାଷ୍ଟ୍ର ନିମନ୍ତେ ଭାରତର ଚିନ୍ତା ବଢି ଯାଇଛି ଓ ରାଷ୍ଟ୍ର ହେଉ ବା ରାଜ୍ୟ ହେଉ ବା ନିଜ ଘର ହେଉ ସବୁଠାରେ ପଡୋଶୀଙ୍କ ଗୁରୁତ୍ୱ ରହିଛି। ସାଧାରଣତଃ ପଡୋଶୀଙ୍କ ପାଇଁ, ପଡୋଶୀଙ୍କୁ ନେଇ ପଡୋଶୀଙ୍କ ଦ୍ୱାରା ଚିନ୍ତା ବଢିଥାଏ । ଶାନ୍ତ ଜୀବନଯାପନ ନିମନ୍ତେ ପଡୋଶୀଙ୍କ ସହିତ ମଧୁର ସମ୍ପର୍କ ଅନିବାର୍ଯ୍ୟ । ଆମ ପଡୋଶୀ ରାଷ୍ଟ୍ର ବାଂଲାଦେଶ ଏବଂ ପାକିସ୍ତାନ ବର୍ତ୍ତମାନ ହାତ ଧୋଇ ଭାରତ ପଛରେ ପଡି ଯାଇଛନ୍ତି । ନାନା ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ ଦ୍ୱାରା ଭାରତର କ୍ଷତି ଘଟାଇ ଚାଲିଛନ୍ତି । ବର୍ତ୍ତମାନ ବାଂଲାଦେଶର ରାଜନୀତି ଉପରେ କିଛି ଆଲୋକପାତ କରିବା :-

ଅଶାନ୍ତ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବୁନାଲ୍, ଯଦିଓ ଦେଶୀୟ କୋର୍ଟ କେବଳ ନାମକୁ ଅନ୍ତର୍ଜାତୀୟ ନାମ ରଖା ଯାଇଛି (ଅନ୍ତର୍ଜାତୀୟ ଅଦାଲତ ବା ଇଣ୍ଟର ନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ ଯାହାକି ଦି ହେଗ ସହରରେ ଅବସ୍ଥିତ) ଗତ ୧୭ ନଭେମ୍ବର ୨୦୨୫ ତାରିଖ ଦିନ ବାଂଲାଦେଶର ପୂର୍ବତନ ପ୍ରଧାନ ମନ୍ତ୍ରୀ ଶେଖ୍ ହସିନାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛି । ଗତ ଜୁଲାଇ ୨୪ ତାରିଖରେ ବାଂଲାଦେଶ ଛାତ୍ର ଆନ୍ଦୋଳନ ପ୍ରତିରୋଧ କରିବାକୁ ଯାଇ ଛାତ୍ରଙ୍କ ମୃତ୍ୟୁ ପାଇଁ ଶେଖ୍ ହସିନାଙ୍କୁ ଦାୟୀ କରାଯାଇଛି । ନର ହତ୍ୟା ମାମଲା ସହିତ ଅନ୍ୟାନ୍ୟ ମାମଲାକୁ ଏକ ତରଫା ବିଚାର କରି ଅଦାଲତ ତାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି । ପୂର୍ବତନ ଗୃହ ମନ୍ତ୍ରୀ ଅସଦୁ ଜମାନ୍ ଖାଁଙ୍କୁ ମଧ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି । ବର୍ତ୍ତମାନ ଶେଖ୍ ହସିନା ଭାରତରେ ରାଜନୈତିକ ଶରଣ ନେଇ ଅବସ୍ଥାନ କରୁଛନ୍ତି । ବାଂଲାଦେଶ ସରକାର ବନ୍ଦୀ ପ୍ରତ୍ୟାରପଣ ଚୁକ୍ତି ଅନୁଯାଇ ଶେଖ୍ ହସିନାଙ୍କୁ ବାଂଲାଦେଶକୁ ଫେରାଇ ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ବିଶେଷ କାରଣ ତଥା ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଶେଖ୍ ହସିନାଙ୍କ ଅମଳରେ ୨୦୧୦ ମସିହାରେ ଗଠିତ ହୋଇଥିବା ଅନ୍ତର୍ଜାତୀୟ ଅପରାଧ ଟ୍ରିବୁନାଲ / କୋର୍ଟ ଶେଷରେ ଶେଖ୍ ହସିନାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛି । ଆଇ:ସି:ଟି ଦ୍ୱାରା ଦଣ୍ଡିତ ଅପରାଧୀ ଚାହିଁଲେ ଦେଶର ସର୍ବୋଚ୍ଚ ଅଦାଲତ/ ସୁପ୍ରିମ କୋର୍ଟରେ ଆଇ:ସି:ଟିର ନିର୍ଦ୍ଦେଶ ଉପରେ ଅପିଲ କରି ପାରିବେ । ତେବେ ନିମ୍ନ ଅଦାଲତର ବିଚାର ସମୟରେ ଯଦି ଅପରାଧୀ ଅଦାଲତରେ ଉପସ୍ଥିତ ଥା'ନ୍ତି ତେବେ ଏହା ସମ୍ଭବ ହେବ । ଶେଖ୍ ହସିନା ବର୍ତ୍ତମାନ ଭାରତର ରାଜନୈତିକ ଶରଣାର୍ଥୀ ତେଣୁ ସେ ବାଂଲାଦେଶ ର ସୁପ୍ରିମ କୋର୍ଟ ରେ ନିଜ ପକ୍ଷ ରଖି ପାରିବେ ନାହିଁ । ଯଦି ନିଜେ ବାଂଲାଦେଶରେ ଉପସ୍ଥିତ ହେବେ ତେବେ ନିଶ୍ଚିତ ଭାବେ ଗିରଫ୍ ହେବାର ବା ଅକାଳ ମୃତ୍ୟୁ ହେବାର ଆଶଙ୍କାକୁ ଏଡାଇ ଯାଇ ହେବ ନାହିଁ । କାରଣ ବାଂଲାଦେଶର ଅନ୍ତରୀଣ ସରକାର ଶେଖ୍ ମୁଜିବୁରଙ୍କ ପରିବାରକୁ ବାଂଲା ଦେଶରୁ ନିଶ୍ଚିହ୍ନ କରିଦେବାକୁ ଚେଷ୍ଟିତ। କ୍ଷମତା ଲୋଭି ୟୁନୁସ୍ ସରକାର ଦେଶରେ ଅରାଜକତା ସୃଷ୍ଟି କରି ବାଂଲାଦେଶୀ ନାଗରିକଙ୍କ ଭିତରେ ଭାରତ ବିରୋଧୀ ଚିନ୍ତା ଧାରା ସୃଷ୍ଟି କରିଛନ୍ତି । ୟୁନସ୍ ଅତୀତର ଶତ୍ରୁ ରାଷ୍ଟ୍ର ପାକିସ୍ତାନ୍ ସହିତ ହାତ ମିଳାଇ ଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ଯାହାର ଫଳ ତାଙ୍କୁ ଭୋଗିବାକୁ ପଡ଼ିବ । ଜଣେ ନୋବେଲ ପୁରସ୍କାର ବିଜେତା ବ୍ୟକ୍ତି ଯେ ଏତେ ନିମ୍ନ ସ୍ତରକୁ ଖସି ଯାଇ ପାରନ୍ତି ଏହା ତାର ଜ୍ୱଳନ୍ତ ଉଦାହରଣ । ମହମ୍ମଦ ୟୁନୁସ୍, ଅତୀତରେ ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଲୁଟି ଅପରାଧୀ ସାବ୍ୟସ୍ତ ହୋଇ ବିଦେଶ ପଳାୟନ କରିଥିଲେ । ସେହି ୟୁନୁସ୍ ଆମେରିକା ସରକାରଙ୍କ ପକ୍ଷରୁ ସହାୟତା ପାଇ ଗତ ବର୍ଷରୁ ବାଂଲାଦେଶ ଶାସନ ମଙ୍ଗ ଧରିଛନ୍ତି ।

ବାଂଲାଦେଶ ରେ ଘଟିଯାଇଥିବା ଆନ୍ଦୋଳନ, ଜେନ ଜି /ଛାତ୍ର ଆନ୍ଦୋଳନ, ବିରୋଧୀଙ୍କ ଦମନ, ଛାତ୍ର ମୃତ୍ୟୁ, ହସିନାଙ୍କ ଇସ୍ତଫା/ଗାଦିଚ୍ୟୁତ ଏବଂ ଭାରତକୁ ପଳାୟନ, ୟୁନୁସଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ କରିବା ଠାରୁ ଆରମ୍ଭ କରି ଭାରତ ବିରୋଧୀ ଚିନ୍ତାଧାରା ସୃଷ୍ଟି କରିବା ପଛରେ ଏକ ପ୍ରକାର ପ୍ରାୟୋଜିତ କାର୍ଯ୍ୟକ୍ରମ ଚାଲିଛି । ଆମେରିକା ସରକାରଙ୍କୁ ଯଦି ଶେଖ୍ ହସିନା ସେଣ୍ଟ ଲୁଇସ୍ ଦ୍ୱୀପ ବିକ୍ରିକରି ଦେଇ ଥା'ନ୍ତେ ତେବେ ଆଜି ମଧ ସେ ଶାସନ ଗାଦି ଅଳଙ୍କୃତ କରି ଥା'ନ୍ତେ ଏବଂ ୟୁନୁସ୍ ନିର୍ବାସିତ ଭାବେ ବିଦେଶରେ ଅବସ୍ଥାନ କରୁ ଥା'ନ୍ତେ । ବଙ୍ଗ ବନ୍ଧୁ ଶେଖ୍ ମୁଜିବୁର୍ ରେହେମାନ୍ଙ୍କ ସୁପୁତ୍ରୀ ଦେଶର ସ୍ୱାର୍ଥ ପାଇଁ ସେଣ୍ଟ ମାର୍ଟିନ୍ ଦ୍ୱୀପ ଆମେରିକାକୁ ଦେବାକୁ ରୋକ୍ ଠୋକ୍ ମନା କରି ଦେଲେ । ଆମେରିକାର କୂଟନୀତି ଦ୍ୱାରା ଶେଷରେ ହସିନା ଗାଦିଚ୍ୟୁତ ହୋଇ ରାଜନୈତିକ ଶରଣାର୍ଥୀ ଭାବେ ଭାରତରେ ଆଶ୍ରିତ । ବନ୍ଦୀ ପ୍ରତ୍ୟର୍ପଣ ଚୁକ୍ତି ଦ୍ୱାରା ଶେଖ୍ ହସିନାଙ୍କ ପରି ଜଣେ ବିଜ୍ଞ ରାଜନେତ୍ରୀଙ୍କୁ ଭାରତ ଆଦୌ ବାଂଲାଦେଶକୁ ହସ୍ତାନ୍ତର କରିବ ନାହିଁ । ଅତୀତରେ ଚୀନ୍ ଅଧିକୃତ ତିବ୍ୱତର ଧର୍ମଗୁରୁ ଦଲାଇ ଲମା ଭାରତରେ ରାଜନୈତିକ ଶରଣ ନେଇଥିଲେ, ଚୀନ୍‌ର ଅନେକ ଅନୁରୋଧ /ଧମକ ସତ୍ତ୍ୱେ ମଧ ଭାରତ ଦଲାଇ ଲମାଙ୍କୁ ଆଜି ପର୍ଯ୍ୟନ୍ତ ଚୀନ୍ କୁ ହସ୍ତାନ୍ତର କରି ନାହିଁ ।

ଏହି ଚୁକ୍ତି କଣ ? ପ୍ରତ୍ୟର୍ପଣ ହେଉଛି ଦୁଇଟି ଦେଶ ମଧ୍ୟରେ ଏକ ଆଇନଗତ ବ୍ୟବସ୍ଥା ଯାହା ଦ୍ୱାରା ପ୍ରତ୍ୟର୍ପଣ ଯୋଗ୍ୟ ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ବିଚାର ପାଇଁ ସ୍ୱଦେଶକୁ ସ୍ଥାନାନ୍ତର କରାଯାଏ । ପ୍ରତ୍ୟର୍ପଣ ଚୁକ୍ତିନାମା ଅନୁଯାୟୀ ପ୍ରତ୍ୟର୍ପଣ ଚାହୁଁଥିବା ଦେଶକୁ ଦର୍ଶାଇବାକୁ ପଡ଼ିବ ଯେ ସେ ଚାହୁଁ ଥିବା ବ୍ୟକ୍ତିଟିର ଅପରାଧ ଯଥେଷ୍ଟ ଗମ୍ଭୀର । ଭାରତ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ ଏବଂ ଦକ୍ଷିଣ କୋରିଆ ଭଳି ଅନେକ ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷର କରିଛି । ଯେପରି ପଳାତକ ଅପରାଧୀମାନେ ଦଣ୍ଡ ପାଇବାରୁ ଖସି ନ ପାରିବେ ତାହା ନିଶ୍ଚିତ କରିବା ପାଇଁ ସରକାରଙ୍କ ନୀତି ହେଉଛି ଯଥାସମ୍ଭବ ଅଧିକ ଦେଶ ସହିତ ଚୁକ୍ତି ସ୍ୱାକ୍ଷର କରିବା। ଭାରତର ୪୭ ଟି ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତିନାମା ସ୍ୱାକ୍ଷରିତ କରି ଅଛି । ଯୁକ୍ତରାଷ୍ଟ୍ର, ଆମେରିକା ଏବଂ କାନାଡା ଭଳି ପ୍ରମୁଖ ଅଂଶୀଦାର ସମେତ ଦେଶ ସହିତ ପ୍ରତ୍ୟର୍ପଣ ବ୍ୟବସ୍ଥା ଅଦ୍ୟାବଧି ଅଛି। ଏହି ଚୁକ୍ତିନାମା ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସ୍ୱାକ୍ଷର କରିଥିବା ଦେଶ ଗୁଡିକ ମଧ୍ୟରେ ଏକ ଆଇନଗତ ଢାଞ୍ଚା ପ୍ରଦାନ କରେ । ପଳାତକ ଅପରାଧୀଙ୍କୁ ଦଣ୍ଡ ପ୍ରଦାନ କରିବା ନିଶ୍ଚିତ କରିବା ପାଇଁ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରା ଯାଇଛି। ପ୍ରକୃତ ପକ୍ଷେ ଦେଖିବକୁ ଗଲେ ଏହି ପ୍ରକ୍ରିୟା ଖୁବ୍ ଜଟିଳ ତଥା ସମୟ ସାପେକ୍ଷ, ଅନେକ କ୍ଷେତ୍ରରେ ଏହା ସମ୍ଭବ ହୁଏ ନାହିଁ । ବାଂଲାଦେଶୀ ଜନତା ନିଜ ଅତୀତକୁ ଭୁଲିଯାଇ ଧର୍ମର ଦ୍ୱାହି ଦେଇ ବନ୍ଧୁ ରାଷ୍ଟ୍ର ଭାରତକୁ ବିରୋଧ କରି ଆସୁଛନ୍ତି । ୧୯୭୧ ମସିହାରେ ଭାରତର ସହଯୋଗ ଦ୍ୱାରା ବାଂଲାଦେଶର ଜନ୍ମ ହୋଇଥିଲା । ଦେଶ ସ୍ୱାଧୀନ ହେବା ପୂର୍ବରୁ ବର୍ବର ପାକିସ୍ତାନୀ ସୈନ୍ୟ ମାନେ ପୂର୍ବ ପାକିସ୍ତାନ (ବାଂଲାଦେଶ)ର ମା, ଭଉଣୀ ମାନଙ୍କର ଇଜ୍ଜତ ଲୁଟୁ ଥିଲେ, ଅନ୍ୟାୟ ଅତ୍ୟାଚାର କରୁଥିଲେ, ଶୋଷଣରେ ଲିପ୍ତ ଥିଲେ । ସେତେବେଳେ ସେମାନେ ଇସ୍ଲାମ ଧର୍ମକୁ ଦେଖୁ ନଥିଲେ ଭାଷା ଭିତ୍ତିକ ଶତ୍ରୁତାକୁ ଦେଖୁଥିଲେ । ସେହି ଶତ୍ରୁମାନେ ବର୍ତ୍ତମାନ ବାଂଲାଦେଶୀ ମାନଙ୍କୁ ଧର୍ମ ନାମରେ ଉସୁକାଇ ଭାରତର ଶତ୍ରୁ କରି ପାରିଛନ୍ତି। ବଙ୍ଗଳା ଦେଶରେ ବିରୋଧୀ ବିଦେଶୀ ଶତ୍ରୁ, ଆତଙ୍କୀ ଗୋଷ୍ଠୀ ଅଡ୍ଡା ଜମାଇ ଭାରତକୁ ନିଶାନା କରୁଛନ୍ତି । ଧନ୍ୟ ବାଂଲାଦେଶୀ ଧନ୍ୟ ତୁମ ଧର୍ମ ଏବଂ ବେଇମାନି ର ଅସଲ ରୂପ । ତୁମ ମାନଙ୍କ କାର୍ଯ୍ୟକଳାପ ତଥା ଆଚରଣ ତୁମକୁ ଆଜି ବିଶ୍ୱ ଦରବାରରେ ନିନ୍ଦିତ କରୁଛି ଓ

ଜୟ ହିନ୍ଦ ।

ସମ୍ମାନ ସହ


(ବରିଷ୍ଠ ନାଗରିକ)

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା

କଟକ ୭୫୩୦୦୯

ମୋ : ୯୯୩୭୧୭୪୦୯୭


## ଉତ୍କଳ କେଶରୀ - ହରେକୃଷ୍ଣ ମହତାବ



ଅକ୍ଷୟ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କିନ୍ତୁ ମହତାବ ବହୁତ ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡକରି ହୀରାକୁଦ ବନ୍ଧ ତିଆରି କରିଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧନ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ। ୧୯୪୭ ନଭେମ୍ବର ୧୪ ତାରିଖରେ ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ। ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା। ଏହାର ବର୍ଷକ ପରେ ମୟୁରଭ ରାଜ୍ୟ ଓଡିଶାରେ ମିଶିଲା। ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା। ତାଙ୍କ ଏହି ସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଭାବେ ଯୋଗ ଦେବାକୁ। ବାସ୍ତବରେ ତାହାହିଁ ହୋଇଥିଲା। ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ।

୧୯୫୫ ମାର୍ଚ୍ଚ ୨ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳଭାବେ ନିଯୁକ୍ତ ହୋଇଥିଲେ। ୧୯୫୬ ଅକ୍ଟୋବର ୧୯ ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ। ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇ ବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ।

୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ। ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ। ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ। ପରେ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫାଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କ ଜିତାଇ ବିଧାନସଭାକୁ ପଠାଇଥିଲେ। ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ। ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ। ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲା ବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହତାବ। ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରାଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ମହତାବଙ୍କ ସହିତ ବହୁ ଜାତୀୟ ନେତାଙ୍କୁ ଗିରଫ କରିଥିଲେ। ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ।

ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ। ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଞ୍ଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ। ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ। ସେ 'ବିଷୁବ ମିଳନ'ର ଶୁଭାରମ୍ଭ କରିଥିଲେ। ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତ କଳା ଏକାଡେମୀର ମଧ ସଭାପତି ଥିଲେ। ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚଷାଭାଇ', 'ପଳାସୀ ଅବସାନ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁ ମାଟି, 'ଗାଁ ଟାଉଟର', 'ଅବ୍ୟାପାର', 'ଫ୍ରିଡମ୍ ମୁଭ୍‌ମେଣ୍ଟ ଅଫ୍ ଓଡିଶା ଓ ହ୍ୱାଇଲ୍ ସର୍‌ଭିଂ ମାଇଁ କନ୍‌ଟ୍ରି।

ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳି ପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରସଂସାର ପାତ୍ର। ତାଙ୍କର ପଣ୍ଡିତ ପଣିଆ, ବୁଦ୍ଧ ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ।

୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସବୁଆଡେ ଦୁଃଖର ଛାୟା 'ଉତ୍କଳ କେଶରୀ' ଆଉ ନାହାନ୍ତି। ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କି ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକ ଶାସନର ସୂତ୍ରଧର ରୂପେ ଅପରାଜୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଞ୍ଚି ରହିବେ। (ସମାପ୍ତ)


+ପାରାଦ୍ୱୀପଗଡ, କୁଜଙ୍ଗ

ଜଗତ୍‌ସିଂହପୁର

ମୋ.ନଂ.-୯୯୩୭୬୯୧୪୭୫





## ଝଡ଼ିପଡୁଥିବା ଗୋଟେଗୋଟେ ପାଖୁଡ଼ା

### ରତ୍ନାକର ରାଉତ



କେତେଦିନ ତଳେ ବଗିଚାରେ ଫୁଟିଥିଲା
ଗୋଟେ ସୁନ୍ଦର ଗୋଲାପ ଫୁଲ
ଯିବା ଆସିବା ବେଳେ ଦୂରରୁ
ଆଖିରେ ପଡୁଥିଲା ତାର ମନଲୋଭା ରୂପ।

ସମୟ ମିଳିଲେ ତାକୁ ଯାଇ ଥରେ
ମନଭରି ଦେଖିଆସିବାକୁ ଇଚ୍ଛା ହେଉଥିଲା
ଥିରିଥିରି ପବନରେ ସେ ହଲି ଦୋହୁଲି
ସଭିଂକୁ ଆକର୍ଷଣ କରୁଥିଲା।

ସେଦିନ କାଉଁଳିଆ ଶୀତ ସକାଳେ
ଯେତେବେଳେ କୁହୁଡ଼ିର ପତଳା ଆସ୍ତରଣ
ତଥାପି ଘୋଡ଼େଇ ରଖିଥିଲା ଗଛବୃଛ
ଫୁଲର ପାଖକୁ ଯାଇ ଦେଖିଲା ବେଳକୁ
ଗଛ ମୂଳରେ ପଡ଼ିଛି ଗୋଟେ ପାଖୁଡ଼ା
ଯେପରି ବଡ଼ ଠୋପାଏ ତାଜା ରକ୍ତ
ଝରିପଡ଼ିଛି କେଉଁଠୁ
ସେ ଯାଏଁ ମାଟି ଶୋଷି ପାରିନି
ସେ ଠୋପାକ ଲାଲ ଟକ୍ ଟକ୍ ଲହୁ।

ମନ ମାନିଲାନି ସହଜରେ
ଏତେ ଚଂଚଳ ସେ ଫୁଲରୁ ଝଡ଼ିପଡ଼ିଥିବ
ଏ ପାଖୁଡ଼ାଟି।

ତା ପରଦିନ ଦେଖିଲାବେଳକୁ
ଆଉ ଦୁଇ ଠୋପା ଲହୁ
ଯୋଡ଼ିଏ ପାଖୁଡ଼ା ପଡ଼ିଛି ଗଛ ମୂଳରେ
ଦିନ କେଇଟାରେ ଦେଖୁଦେଖୁ
ଗୋଟିଗୋଟି ହୋଇ ବୃନ୍ତରୁ ଝଡ଼ିପଡ଼ିଲା ସବୁ ପାଖୁଡ଼ା
ଏବଂ ଆସ୍ତେ ଆସ୍ତେ ପାଖୁଡ଼ା ସବୁ
ସେଠାରୁ କୁଆଡ଼େ ଉଭାନ୍ ହୋଇଗଲେ।

ଥୁଣ୍ଟା ବୃନ୍ତ କ୍ରମେକ୍ରମେ ମଉଳି ଶୁଖିଗଲା
କେଜାଣି କାହିଁକି ମନେହେଲା
ଫୁଲର ପ୍ରତ୍ୟେକ ପାଖୁଡ଼ା ଯେପରି
ମଣିଷ ଜୀବନର ଗୋଟେଗୋଟେ ଦୁର୍ମୂଲ୍ୟ ବର୍ଷ
ଭୂଇଁରେ ଝଡ଼ିପଡ଼ିଲା ପରି ଫୁଲରୁ ପାଖୁଡ଼ା
ବର୍ଷମାନେ ଗୋଟିଏ ପରେ ଗୋଟିଏ
କେଉଁଠି ଅବଲୁପ୍ତ ହୋଇଯାଉଛନ୍ତି ଅନ୍ତରାଳରେ।

ହଠାତ୍ ନିଜ ପ୍ରତି ଲୋଭ ହେଲା
ଇଚ୍ଛାହେଲା ଦଉଡ଼ି ଆସି
ଠିଆ ହେବାକୁ ଦର୍ପଣ ଆଗରେ
ଦର୍ପଣ ମଧ୍ୟ କାଳ ବିଳମ୍ବ ନ କରି
ଦେଖେଇ ଦେଲା ସାରା ଅବୟବ
ତାଳୁରୁ ତଳିପା ସର୍ବାଂଗ
ମୁଁ ଦେଖୁଥିଲି ଅତି ନିମଗ୍ନ ହୋଇ
ତେପନଟି ବସନ୍ତ ଅତିକ୍ରାନ୍ତ କରିସାରିଥିବା
ଅଧାଅଧି ପତ୍ରଝଡ଼ା ଝାଉଁଳା ଗଛ ଭଳି
ମୋର ପ୍ରୌଢ଼ ଶରୀର।

ଦର୍ପଣ ପାଖ କାନ୍ଥରେ ଟଂଗା ହୋଇଥିବା
ବିରଜା ପାଂଜିର ପୃଷ୍ଠା ଓଲଟେଇ ଦେଖୁଦେଖୁ
ଆଖିରେ ପଡ଼ିଲା
ଏ ବର୍ଷ ଅଗଷ୍ଟ ଅଠେଇଶ ତାରିଖ ପଡୁଛି ରବିବାର
ଯେଉଁଦିନ ମୁଁ ପାଳନ କରିବି
ମୋର ଚଉବନତମ ଜନ୍ମଦିନ
ଆଉ କେତୋଟି ପାଖୁଡ଼ା ବାକି ରହିଲା
ଝଡ଼ିବାକୁ ଜୀବନ ବୃନ୍ତରୁ
ସେହି ମୁହୂର୍ତ୍ତରେ ଭାବୁଥିଲି।

+ ଭୁବନେଶ୍ୱର

# ନୂଆବର୍ଷର ଭୋଜି

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଝିଲ୍‌ମିଲ୍ ବୋଇଲେ ବଣଟିଏ । ନୂଆବର୍ଷ ଆସୁଥାଏ । ମହାରାଜା ସିଂହ ନିଜର ବିଶାଳ ରାଜମହଲରେ ସଭାଟିଏ ଡକାଇଲା । ରାଜ ଦରବାରରେ ସବୁ ବଣ ଜନ୍ତୁଜୁନ୍ତା ଆସି ହାଜର । ରାଜା ସେମାନଙ୍କ ଆଡେ ଥୋମଣି ବୁଲେଇଲା । କେଶର ବେଲୁନ ଭଳି ଫୁଲେଇ କହିଲା -ମୁଁ ଚାହୁଁଚି ସବୁ ବଣଜନ୍ତୁ ନିଜ ନିଜ କଳାକୌଶଳ ପ୍ରୟୋଗରେ ନୂଆକରି ଗୋଟିଏ ଭଲକାମ କର । ଯାହାର କଳାକୌଶଳ ସବୁଠୁ ଭଲ ତାକୁ ପୁରସ୍କାର ଦିଆଯିବ । ହଁ ଆଉଗୋଟେ କଥା, ଯାହାର ଯାହା ଇଚ୍ଛା ତାହା କରିପାରିବ । ମାନେ ଆମେ ଯାହା ଚାହିଁବା ତାହା କରିପାରିବା -ହାତୀ ଶୁଣ୍ଢକୁ ଟେକିଦେଇ କହିଲା । ସେଇଠୁ ବିରାଟି ଛୁଆଟେ ପାଟି ମେଲାଇ କହିଲା -ଚାଲ ... ଚାଲ...ପ୍ରସ୍ତୁତି ଆରମ୍ଭ କରିବା । ରୁପ ବିରାଡି ଛୁଆ, ସିଦ୍ଧୁ ମୟୂର, ମୀନୁ ବିଲେଇ, ଚମ୍ପୁ କୋକି, ସୁନୁ ଜଙ୍ଗଲୀ କୁକୁଡା, ମୁନୀ ଗୁଣ୍ଡୁଚିମୂଷା ହେରିକା ସବୁ ଜାନୁଆର ନିଜ ନିଜ ଉଆସ ଆଡେ ମୁହାଁଉଲା ବେଳକୁ ମନ୍ତ୍ରୀ ବିଲୁଆ କହିଲା -ଇଆଡେ, ଏଇ ବଣରେ । ମୁନୀ ଗୁଣ୍ଡୁଚି, ତୁମେ କଣ କରୁଛ ଟିକେ କହିଲ ? ଆରେ ମୁଁ କଣ କରିବି ଯେ ! ମୁଁ ତ ଟିକି ଜୀବଟେ । ଆଚ୍ଛା,ତୁମେ କଣ କରୁଛ କହିଲ



ଦେଖି ? ଏଣେ ବିଲୁଆ କହିଲା -ମହାରାଜ, ତୁମ ଦିମାକ୍‌ରେ କ'ଣ ଖେଳୁଛି ? ମହାରାଜ ସିଂହ କହିଲା -ଟିକେ ଅପେକ୍ଷା କରିଥାଅ । ତା'ପରେ ଚମ୍ପୁ କୋକି କହିଲା -ମୁଁ କ'ଣ କରିପାରିବି ବୋଲି ମୁଁ ଭାବୁଛି । ହାତି କୁଲା ଭଳି କାନକୁ ହଲେଇ କହିଲା -ମୁଁ କଣ କରିବି ବୋଲି ମତେ ବି କିଛି ପରାମର୍ଶ ଦିଅ । ମୁଁ ତ ସଦାବେଳେ ବଡେଇବିନି ମୁଁ କଣ କରୁଛି -ମୀନୁ ବିଲେଇ କହିଲା ।

କିଏ କଣ କରିବାକୁ ଯାଉଛି ସେ କଥା ସବୁ ଜଙ୍ଗଲୀ ଜନ୍ତୁ ପରସ୍ପରକୁ ଜଣାଇଲେ ନାହିଁ । ନୂଆ ବରଷ ଯେତେବେଳେ ଆସିଲା ମହାରାଜା ସିଂହ ମନ୍ତ୍ରୀ ବିଲୁଆକୁ ସାଙ୍ଗରେ ଘେନି ବୁଲିବାକୁ ବାହାରି ପଡିଲା ମନ୍ତ୍ରୀ ! କଥା କ'ଣ ? ଏ ଜଙ୍ଗଲରେ କିଏ କାହିଁକି ଦେଖାଯାଉ ନାହାନ୍ତି ? ସବୁ ଜନ୍ତୁଜୁନ୍ତା କୁଆଡେ ଚାଲିଗଲେ ? ଜଣାନାହିଁ ମଣିମା ! ସବୁ ଜଙ୍ଗଲୀ ଜନ୍ତୁଙ୍କ ଉଆସରେ ତାଲା ଝୁଲୁଛି । ଲାଗୁଛି ଗତକାଲି ରାତିରେ ସମସ୍ତେ ମେଳିକରି ପାର୍ଟିରେ ଯୋଗ ଦେଇଥିବେ ଓ ସେଇଠୁ କୋଉଠି ଶୋଇ ଯାଇଥିବେ । ତା'ପରେ ମହାରାଜ ସିଂହ ଠାରି କରି କହିଲା -ହେଇ ଦେଖ ଚମ୍ପୁ କୋକିର ଖୋଲା ହୋଇଛି । ତାକୁ ପଚରାଯାଉ । ହଁ ମଣିମା... ଚମ୍ପୁ କୋକି ସବୁ ଜଙ୍ଗଲୀ ଜନ୍ତୁ କୋଉଠି ଅଛନ୍ତି ? ଜଣାନାହିଁ, ମୁଁ ତ ମୋ ନିଜ ବାଗରେ ନୂଆ ବରଷ ପାଳନ କରିବି । ତା'ହେଲେ କେମିତି ପାଳନ କରିବ ? ମହାରାଜା ସିଂହ , ମୁଁ ତ ବହୁତ ଗୁଡେ ଖାଦ୍ୟ ରନ୍ଧାରନ୍ଧି କରିଛି । ମୁଁ ତାକୁ ମଜା ମଉଜରେ ପେଟକୁ ନେଉଛି । ଏବେ ସିଂହ ତା ରାଜ ଉଆସ ଆଡେ ମୁହାଁଇଲା। ମନ୍ତ୍ରୀ ଚାଲାକ ବିଲୁଆ ଚାଲ ଚାଲ ..., କାଲି ସମସ୍ତଙ୍କ ସହିତ କଥାବାର୍ତା କରିବା । ସଭିଏଁ ମତେ ନିରାଶ କରିଛନ୍ତି -ମହାରାଜା ସିଂହ ଶୁଖିଲା ମୁହଁରେ କହିଲା । ତହୁଁ ମନ୍ତ୍ରୀ ବିଲୁଆ କହିଲା–ମହାରାଜା ! ଗରିବ ବଣର ରାଜା ସେରୁ ଆପଣଙ୍କୁ ଦେଖା କରିବାକୁ ଆସିଛନ୍ତି । ସେଠୁ ମହାରାଜ ସିଂହ କହିଲା-ଆଚ୍ଛା ! କାଇଁକି ଆସିଛନ୍ତି ? ଡକାଅ ତାକୁ । ଗରିବ ବଣର ରାଜା ସେରୁ କହିଲା-ଓଳିଗି ମହାରାଜା ! ଆପଣଙ୍କ ବଣର ଜାନୁଆରଙ୍କ ପାଇଁ ନୂଆବର୍ଷରେ ଯାହାସବୁ କଲେ ସେପାଇଁ ଆପଣଙ୍କୁ ଧନ୍ୟବାଦ । ୟା ଶୁଣି ମହାରାଜା ସିଂହ ତାଜୁବ । ମାନେ ମୁଁ ! ୟା ପରେ ଗରିବ ବଣର ରାଜା ସେରୁ କହିଲା -ଏବେ କିଛି ଅଜଣା ହୋଇନାହିଁ, ମହାରାଜା ସିଂହ । ଆପଣଙ୍କ ଜଙ୍ଗଲବାସୀ ମତେ ସବୁକିଛି ବତେଇ ଦେଇଛନ୍ତି । ଆଚ୍ଛା, ଏବେ ମତେ ଅନୁମତି ଦିଅନ୍ତୁ । ବହୁତ ରାତି ହୋଇ ସାରିଲାଣି । ମନ୍ତ୍ରୀ ବିଲୁଆ କାଲି ରାତିରେ ହିଁ ସବୁ ଜନ୍ତୁଙ୍କୁ ମହଲକୁ ଡକାଅ, ସେମାନେ ଏମିତି କାହିଁକି କଲେ ? ଜଣାଇଲେ ନାହିଁ ।

ସତକୁ ସତ ପରଦିନ ସକାଳୁ ସବୁ ଜାନୁଆର ଆସି ମହାରାଜା ସିଂହଙ୍କ ରାଜଉଆସରେ ହାଜର । ଗଲାକାଲି ଗରିବ ବଣର ରାଜା ସେରୁ ଏଠିକି ଆସିଥିଲା । ତୁମେମାନେ ଏପରି କ'ଣ କରିଛ ... ମୁଁ ଜାଣିବାକୁ ଚାହେଁ । ସେଠୁ ସବୁ ଜନ୍ତୁ ଏକାସ୍ୱରରେ କହିଲେ–ମହାରାଜା ! ଆମ ସମସ୍ତଙ୍କ ଆଡୁ ଗୋଲୁ ହାତୀ କହିବ । ମହାରାଜା ସିଂହ ! ଆପଣ କହିଥିଲେ କି ଆମେ ନିଜ ନିଜ ତରିକାରେ ନୂଆ ବର୍ଷ ପାଳନ କରିବୁ । ସେତିକିବେଳେ ସବୁ ଜନ୍ତୁଜୁନ୍ତାଙ୍କୁ ସାହାଯ୍ୟର ହାତ ବଢେଇବା ପାଇଁ ଆମେ ସଭିଏଁ ବିଚାର କରିଥିଲୁ । ଏଟା ତ ବହୁତ ବଢିଆ କଥା, କିନ୍ତୁ ତୁମେ ତ ମତେ ବତେଇ ପାରିଥାନ୍ତ । ସେ ଯାହାହଉ ତୁମେ କେମିତି ସହାୟତାର ହାତ ବାଂଟିଲ ତାହା ବତାଅ । ସେଠୁ ମୟୂର କହିଲା -ମୁଁ କହିବି । ମହାରାଜା ସିଂହ ! ପିଲୁ ମାଙ୍କଡ ଝୁଲାଗୁଡିଏ ତିଆରି କଲା ଯଦ୍ୱାରା ସେଠିକାର ଲୋକବାକ ଜୀବଜନ୍ତୁ ପଲିଥିନର ବ୍ୟବହାର କରିବେନି । ରୂପ ବିରାଡି ଛୁଆ, ମୀନୁ ବିଲେଇ ଓ ସୁନୁ କୁକୁଡା ହେରିକା ବହୁତ ସୁଆଦିଆ ଖାଇବା ବନେଇଲେ ଓ ସମସ୍ତଙ୍କ ଘରକୁ ଯାଇ ବାଂଟକୁଂଟ କଲେ । ସେଠୁ କୋକି କହିଲା -ମୁଁ ସମସ୍ତଙ୍କୁ ଟିକେ ଟିକେ କମଳା ଦେଲି । ଉଷୁମ କପଡା ଦାନକଲି । ସେଠୁ ମହାରାଜା କହିଲା -ତମେମାନେ ମତେ କାହିଁକି କହିଲନି, ମୁଁ ବି କିଛିଟା ସାହାଯ୍ୟ କରିଥାନ୍ତି । ଶେଷକୁ ମହାରାଜା ସିଂହ କହିଲା –ସାବାସ୍ ! ଏ ଜାନୁଆରମାନଙ୍କ ଉପରେ ମୁଁ ଖୁବ୍ ପ୍ରସନ୍ନ । ତୁମମାନଙ୍କୁ ନେଇ ମୁଁ ଗର୍ବ ଅନୁଭବ କରୁଛି । ଏବେ କୁହ କି ପୁରସ୍କାର ଦରକାର ? ସଭିଏଁ ଏକା ସ୍ୱରରେ କହି ଉଠିଲେ -ନୂଆବର୍ଷର ଭୋଜି ...।


+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲେନ ନଂ-୯ , ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ହସୁଛି ଗାଆଁ ମୁଲକ...

## ରାମଚନ୍ଦ୍ର ବେହେରା

ଶୀତର ଲହରୀ ବହୁଛି ରାଇଜେ
କମ୍ବଳ ହେଲାଣି ଖୋଜା
ଶୀତ ରାତି ପାଇଁ ରେଜେଇ ଚାଦର
ହୋଇଲାଣି ଘରେ ସଜା
ଟୋପି ମୋଜା ସୁଇଟର
ସଭିଂଙ୍କ ଦେହରେ ଶୋଭା ପାଇଲାଣି
ଦେଖିବାକୁ ମନୋହର।

ଦିନ ନଇଁବାରୁ ବୁଢା ବୁଢୀ ଯେତେ
ହୋଇଲେଣି ଭୟଭୀତ
ପଖାଳ କଂସାକୁ ନଛୁଅଁନ୍ତି କେହି
ଖାଆନ୍ତି ଗରମ ଭାତ
ଉଷୁମ ପାଣିକୁ ପିଇ
ଦେହକୁ ଉଷୁମ ରଖୁଛନ୍ତି ସର୍ବେ
ସର୍ଦ୍ଦିଠୁଁ ଦୂରେଇ ରହି।

ଘାସ ଗାଲିଚାରେ କଅଁଳିଆ ଖରା
ଦିଶିଲାଣି ଝଲମଲ
ବାଡି ବଗିଚାରେ ଗେଣ୍ଡୁ ଓ ସେବତୀ
ହସିଲେଣି ହୋଇ ମେଳ
ହେବ ଧାନ କଟା କଟି
ଗହୀର କ୍ଷେତରୁ ହଳା ଆଣି ଚାଷୀ
ଖଳାରେ ଦେବ ସାଇତି।

ନଈପଠା ଧାରେ ହଳଦୀ ରଂଗରେ
ସୋରିଷ ଗାଉଛି ଗୀତ
କିଆ ଗୋହରିରେ ନିଆଁକୁ ଲଗେଇ
ସନିଆ କଲାଣି ନାଟ
କୋବି ମୂଳା ଲାଉଡଂକ
ପାଳଂଗ କୋଶଳା ଧନିଆଁ ଶୋଭାରେ
ହସୁଛି ଗାଆଁ ମୁଲକ।


+ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୭୩୪୩୪୬




# ସିଲୁର ଭାବନା ବଦଳିଲା

## ସୁବ୍ରତ ଦାସ





ସବୁଦିନ ପରି ଶୀତଦିନେ ସକାଳର କଅଁଳ ଖରାରେ ବସି ଜେଜେ ଖବର କାଗଜ ପଢୁଥିବାର ସିଲୁ ଲକ୍ଷ୍ୟ କଲା । ସେଦିନ ରବିବାର ହୋଇଥିବାରୁ ସିଲୁର ଜେଜେଙ୍କ ସହ ଘରେ ଭେଟ ହୋଇଗଲା । ପ୍ରତିଦିନ ସ୍କୁଲ ଗଲା ବେଳେ ସେ ଜେଜେଙ୍କୁ ଲକ୍ଷ୍ୟ କରେ, ଜେଜେ ଗଭୀର ଭାବରେ ଖବର କାଗଜ ପଢୁଥାନ୍ତି। ଆଜି ସେ ଜେଜେଙ୍କୁ ଗୁଡ଼ାଏ ପ୍ରଶ୍ନ ପଚାରିବ ବୋଲି ମନେ ମନେ ଭାବିଛି। ସବୁଦିନ କ'ଣ ଜେଜେ ସେ ଖବର କାଗଜ ପଢ଼ି ଲାଭ ପାଉଛନ୍ତି ? କଣ ମିଳୁଛି ସେଥିରୁ ! ମୋବାଇଲ ରେ ତ ସବୁ ଜାଣି ହେଉଛି, ଆଜିକାଲି ଆଉ କିଏ ଏତେ ପରିଶ୍ରମ କରି ଖବର କାଗଜ ପଢୁଛି। ଏହିଭଳି ଅନେକ ପ୍ରଶ୍ନ ତା ମନ ଭିତରେ ଉଙ୍କି ମାରୁଛି । ଜେଜେ ଘରର ଅଗଣାରେ ଥିବା ଫୁଲ ଗଛ ପାଖରେ ଖଣ୍ଡିଏ କାଠ ଚୌକିରେ ବସି ଥାଆନ୍ତି । ସାମନାରେ ଏକ କାଚର ଟି ପଟ୍‌ଟି ଥୁଆ ହୋଇଥାଏ । ଖୁବ୍ ବ୍ୟସ୍ତ ହୋଇ ସିଲୁ ଜେଜେଙ୍କ ପାଖରେ ଗୋଟିଏ ଚେୟାର ଆଣି ବସି ପଡିଲା । ସିଲୁକୁ ଦେଖି ଜେଜେ ଚଷମାଟି କାଢି କାଚର ଟିପଟ୍ ଉପରେ ଥୋଇ ଦେଲେ ଏବଂ ଖବର କାଗଜଟିକୁ ଭାଙ୍ଗି ରଖିଦେଲେ । ସିଲୁ ଉତ୍ସୁକତାର ସହ ଖବରକାଗଜଟିକୁ ଉଲଟାଇ ପକାଇ କାର୍ଟୁନ୍ ଚିତ୍ର, ଫିଲ୍ମ ଫଟୋ ଆଉ ଅଭିନେତା ମାନଙ୍କୁ ଦେଖି ଖୁବ୍ ଖୁସି ହୋଇ ପଚାରିଲା; ଜେଜେ ତମେ କଣ ଫିଲ୍ମ ହିରୋ, ଆଉ କାର୍ଟୁନ୍ ଦେଖୁଛ । ଜେଜେ ହସି ଦେଇ ଉତ୍ତର ଦେଲେ ଆରେ..ଚଗଲା; ଏଇଟା ଖବର କାଗଜ । ଏଥିରେ ମୂଲ୍ୟବାନ ଖବର ଥାଏ । ଦେଶ, ବିଦେଶର ଖବର, ରାଜ୍ୟଠାରୁ ଆରମ୍ଭ କରି ଜିଲ୍ଲା, ଆଞ୍ଚଳିକ ଖବର ସବୁ ଭରି ରହିଥାଏ। ଆଉ ଏଥିରୁ ଆମକୁ ବହୁତ୍ ଜ୍ଞାନ ମିଳିଥାଏ। ଏହାଛଡା ଖବର କାଗଜ ରେ ଜଣା ଅଜଣା, ସ୍ୱାସ୍ଥ୍ୟ ଉପଚାର, ଜ୍ଞାନ ବିଜ୍ଞାନ, କୌତୁକ ଗଣିତ, ସାହିତ୍ୟ, ଶିଶୁ ଗଳ୍ପ, କବିତା ମାଳା, ଶିଶୁଙ୍କ ହାତ ତିଆରି ଚିତ୍ର, କୁନି ତାରକା ସହ ଶିଶୁ ଙ୍କ ସୁନ୍ଦର ସୁନ୍ଦର ଲେଖା ପ୍ରଭୃତି ପ୍ରକାଶ ପାଇଥାଏ । ଏହା ଆମକୁ ଖୁବ୍ ଆନନ୍ଦ ଦେଇଥାଏ। ଖବର କାଗଜ ନିୟମିତ ପାଠ ପଢିବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ । ଶୁଦ୍ଧ ଭାଷା, ବାହ୍ୟଜ୍ଞାନ, ବ୍ୟାକରଣ, ସାହିତ୍ୟ ଜ୍ଞାନ, ବୃଦ୍ଧି ହୋଇଥାଏ । ସମସ୍ତ ପିଲାମାନେ ନିୟମିତ ଖବର କାଗଜ ପଢ଼ିବାର ରୁଚି ରଖିବା ଉଚିତ୍ । ସିଲୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଆଚ୍ଛା ଜେଜେ; ତେବେ ଏସବୁ କଣ ମୋବାଇଲରୁ ଆମେ ଶିଖି ପାରିବା ନାହିଁ। ଜେଜେ କହିଲେ..ହଁ, ଶିଖିବାକୁ ଚାହିଁଲେ ସବୁ ଥିରୁ ଶିଖି ପାରିବା । ମାତ୍ର, ମୋବାଇଲ ବ୍ୟବହାର ପ୍ରତି ଯଥେଷ୍ଟ ସାବଧାନ ରହିବା ଉଚିତ୍ । ଆମେ ଶିକ୍ଷଣୀୟ ବସ୍ତୁକୁ ଛାଡି ଅଯଥାରେ ସମୟ ଅପଚୟ କରୁ। ଯେଉଁଥିପାଇଁ ଅତ୍ୟଧିକ ମୋବାଇଲ ବ୍ୟବହାର ଫଳରେ ଆଖି, ମସ୍ତିଷ୍କ, ଉପରେ ଚାପ ପଡ଼ିଥାଏ । ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପିଲାମାନଙ୍କୁ ପ୍ରତିଦିନ ଖବର କାଗଜ ପଢିବା ପାଇଁ ଉପଦେଶ ଦେଇଥାନ୍ତି । ଏହା ଏକ ସୁନ୍ଦର ଓ ଶିକ୍ଷଣୀୟ ଅଭ୍ୟାସ । ଯେଉଁ ପିଲା ପ୍ରତିଦିନ ଖବର କାଗଜ ପଢ଼ିବ, ସେ ନିଶ୍ଚୟ ଜ୍ଞାନ ଆହୋରଣ କରିବ। ସିଲୁ ଖୁସି ହୋଇଗଲା ଏବଂ କହିଲା, ସତରେ ଜେଜେ.... ! ତେବେ ସିଲୁ ଜେଜେଙ୍କ ପାଖରେ ବସି ପ୍ରତିଦିନ ଖବର କାଗଜ ପଢ଼ିବ, ନୂଆ ନୂଆ କଥା ଜାଣିବ। ସେହି ଅଭ୍ୟାସ ସବୁଦିନ ଜାରି ରଖିବ। ଏସବୁ କଥା ସିଲୁର ବାପା, ମା 'ପଛ ପଟେ କେତେବେଳୁ ଛିଡା ହୋଇ ସିଲୁର କଥା ଶୁଣୁଥିଲେ । ମା ' ଆସି କହିଲେ, ଠିକ୍ ବୁଝିଛୁରେ ଧନ। ଜେଜେଙ୍କ ଭଳି ତୁ ବି ସକାଳୁ ସଅଳ ଉଠିବା ସହ ପ୍ରତିଦିନ ଖବର କାଗଜ ପଢ଼ିବା ଅଭ୍ୟାସ କର । ଦେଖିବୁ ନିଶ୍ଚୟ ଭଲ ମଣିଷ ହେବୁ । ତୋତେ ସମସ୍ତେ ଆଦର କରିବେ । ସିଲୁର ମନ ଭିତରେ ଥିବା ନକାରାତ୍ମକ ଭାବନା ସବୁ ଏଥର ଦୂର ହୋଇଗଲା।


+ରାଜେନ୍ଦ୍ରପୁର, ବାରିକପୁର ବଜାର,
ଭଦ୍ରକ
ମୋ:୯୪୩୭୭୩୧୯୦୩


# ସବୁକାମ ତରବରରେ କରିବା ଭୁଲ

## ରମେଶ ଚନ୍ଦ୍ର ଦାଶ



ବର୍ଷାଦିନ । ଧାନବିଲର ହିଡ଼ ଉପରେ କଙ୍କଡ଼ାଟିଏ ଡଗ ଡଗ ହୋଇ ଯାଉଥାଏ । ବାଟରେ ଗୋଟିଏ ଗେଣ୍ଡା ଦେଖାହେଲା । ସେ କଙ୍କଡ଼ାକୁ ପଛରୁ ଡାକ ପକାଇଲା- କଙ୍କଡ଼ା ଭାଇ, କଙ୍କଡ଼ା ଭାଇ ତୁମେ କାହିଁକି ଆଜି ତରତର ହୋଇ ଧାଉଁଛ ? କିଛି ଜରୁରୀ କାମ ଅଛିକି ? କଙ୍କଡ଼ା କହିଲା- ମୁଁ ତ ତୋ ଭଳି ଅଳସୁଆ ନୁହେଁ ଯେ ଧୀରେ ଧୀରେ ଚାଲିବି । ଏମିତି କଥା ହୋଇ ଯାଉ ଯାଉ ଗୋଟିଏ ଖାଲରେ ପଡ଼ିଗଲା । ସେ ଉଠିପାରିଲା ନାହିଁ । ଯେତେଥର ଚେଷ୍ଟା କରୁଥାଏ । ଗୋଡ଼ ଖସି ଯାଉଥାଏ । ସେ ଗେଣ୍ଡାକୁ କହିଲା- ଆରେ ଗେଣ୍ଡା ମୁଁ ଉଠିପାରୁନି ମୋତେ ଉଠାଇବାକୁ ଟିକେ ଚେଷ୍ଟାକର । ଗେଣ୍ଡା କହିଲା, "ମୁଁ ତ ଅଳସୁଆଟିଏ ତୋ ଭଳି କର୍ମଠ ପ୍ରାଣୀଙ୍କୁ ଉଠାଇବି ବା କିପରି ? ସେହି ସମୟରେ ପିମ୍ପୁଡ଼ିଟିଏ ଯାଉଥିଲା । ତାକୁ ଦେଖି କଙ୍କଡ଼ା କହିଲା, "ତୁ ନ ଉଠାଇଲେ ନାହିଁ ମୋ ଭଳି ପିମ୍ପୁଡ଼ି ହେଉଛି କର୍ମଠ । ସେ ଏବେ ମୋତେ ଉଠାଇଦେବ।"

କଙ୍କଡ଼ା ପିମ୍ପୁଡ଼ିକୁ ଅନୁରୋଧ କରିବାରୁ ସେ କହିଲା, "ବିପଦ ବେଳେ ଅନ୍ୟକୁ ସାହାଯ୍ୟ କରିବା ଉଚିତ୍ ।" ଏହା କହିବା ସହିତ କଙ୍କଡ଼ାକୁ କହିଲା, "ତୁମେ ଗୋଡ଼ ବଢ଼ାଅ। ମୁଁ ମୋର ସାଥି ଭାଇମାନଙ୍କ ସାହାଯ୍ୟରେ ତୁମକୁ ଟେକିଆଣିବି ।" କଙ୍କଡ଼ା ବହୁତ କଷ୍ଟରେ ଟିକେ ଉପରକୁ ଆସି ତାର ଗୋଟିଏ ବୁଢ଼ାଗୋଡ଼ ଉପରକୁ ଟେକିଲା । ପିମ୍ପୁଡ଼ିମାନେ ମିଶିକରି ଟେକିବାକୁ ଆରମ୍ଭ କରିବା ମାତ୍ରେ କଙ୍କଡ଼ା ସହିତ ସେମାନେ ପାଣିରେ ପଡ଼ିଲେ । ପିମ୍ପୁଡ଼ିମାନେ କହିଲେ, "ଏବେ ଆମ ଅବସ୍ଥା ଅସମ୍ଭାଳ। କ'ଣ କରିବା ?" ଏହି ସମୟରେ ଗେଣ୍ଡା ପହଞ୍ଚି କହିଲା, "ବ୍ୟସ୍ତ ହୁଅନି । ଧୈର୍ଯ୍ୟ ଧରି ଅପେକ୍ଷା କର ।" ସେମାନେ ଅପେକ୍ଷା କରି ରହିଲେ । ଗେଣ୍ଡା ଧୀରେ ଧୀରେ ଯାଇ ସେମାନଙ୍କ ପାଖରେ ପହଞ୍ଚିଲା । ସେ ପ୍ରଥମେ କଙ୍କଡ଼ାକୁ ଓ ପରେ ପିମ୍ପୁଡ଼ିମାନଙ୍କୁ ଉଦ୍ଧାର କଲା ।" ଗେଣ୍ଡାର କାମ ଦେଖି ସେମାନେ କହିଲେ, "ଆମେ ଯେଉଁ ଗେଣ୍ଡାକୁ ଅଳସୁଆ ବୋଲି କହୁଥିଲୁ ତା ପାଇଁ ଆମର ଜୀବନ ରକ୍ଷା ହେଲା ।" ଗେଣ୍ଡା କହିଲା, "ସବୁ କାମ ଯେ ତରତରରେ କରାଯାଏ, ତାହା ଭାବିବା ଭୁଲ୍ ।"


+ଶିକ୍ଷାଶ୍ରୀ ଲେନ୍,
କୁମ୍ଭାରପଡ଼ା, ପୁରୀ-୨
ମୋ:୯୭୭୬୨୩୮୫୨୨


# କେ ହେବ ତା' ସରି

## ଧ୍ରୁବ ଚରଣ ଘିବେଲା

ଅମଳ ପାଇଁ ହେଲାଣି ସଜ
ଦେଖି ପାଚିଲା କ୍ଷେତ
କ୍ଷେତକୁ ଦେଖି ମୁରୁକି ହସି
ଚାଷୀ ହୁଏ ଉଷତ।

କ୍ଷେତ ହିଡ଼ରେ ରହି ଖୁସିରେ
ଚାଷୀ ଏକ ଲୟରେ
ଅନେଇ ରହେ ଘଡ଼ିଏ ଯାଏ
ଚାଷୀ ଦୁଇ ଆଖିରେ ।

ଖରା ବରଷା କରି ଭରସା
ଚାଷୀ ରହି ଚାଷରେ
କ୍ଷେତେ ଫଳାଇ ସୁନାର ଧାନ
ଚାଷୀ ଆଜି ଖୁସିରେ ।

କ୍ଷେତ କ୍ଷେତରେ ପାଚି ହସୁଛି
ସୁନାଧାନର କେଣ୍ଡା
ଚାଷୀ ମନରେ ଜାଗେ ଖୁସିରେ
ଭାବନା ଗଣ୍ଡା ଗଣ୍ଡା ।

ସୁନା ଲହଡ଼ି କ୍ଷେତରେ ମାଡ଼ି
ଆଗକୁ ଯାଏ ବଢ଼ି
ପବନ ହେଲେ ଲହଡ଼ି ଖେଳେ
କ୍ଷେତରେ ମାଡ଼ି ମାଡ଼ି ।

ସୁନା ଧାନକୁ ଅମଳ କରି
ରଖି ଅମାର ଭରି
ଧାନକୁ ଦେଖି ଯତନେ ରଖି
ମନ ତା' ଯାଏ ପୂରି ।

ବରଷ ସାରା କାମ ନିଆରା
କାମରେ ରହେ ଥିରି
କିଏ ସେ ହେବ କୃଷକ ଭଳି
କେ ହେବ ତାଆ ସରି ।


+ବଉଦରାଜ-୭୬୨୦୧୪, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଜାତୀୟ ବେଦିକ ସେମିନାର ଉଦ୍‌ଯାପିତ

ଜୟପୁର,୨୧/୧୧ (ନି.ପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟର ସଂସ୍କୃତ ବିଭାଗ ଏବଂ ମହର୍ଷି ସାନ୍ଦୀପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଜାତୀୟ ବେଦିକ ସେମିନାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉଦଯାପିତ ହୋଇଯାଇଛି । ସମାପନ ସମାରୋହରେ ବେଦ ଓ ତାହାର ସଠିକ ଅର୍ଥକୁ ସାଧାରଣ ଲୋକଙ୍କ ପାଖକୁ ପହଂଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା ।

ସମାପନ ସଭାରେ ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ । ମଂଚରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ପଣ୍ଡା ଏବଂ ପ୍ରଫେସର ଗୋପାଳ କୃଷ୍ଣ ଦାଶ, ବିଶ୍ୱଭାରତୀ, ଶାନ୍ତିନିକେତନର ପ୍ରଫେସର ଅରୁଣ ରଂଜନ ମିଶ୍ର, ସିୟୁଓର ଅର୍ଥ ଅଧିକାରୀ ଦୁର୍ଯୋଧନ ସେଠୀ ଏବଂ ସଂସ୍କୃତ ବିଭାଗର ଭାରପ୍ରାପ୍ତ ମୁଖ୍ୟ ତଥା ସେମିନାର ସମନ୍ୱୟକ ଡ଼ଃ. ନବୀନ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଡ଼ଃ. ବିରେନ୍ଦ୍ର କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପଣ୍ଡା କହିଥିଲେ ଯେ, ବେଦ ଭାରତର ଅମୂଲ୍ୟ ବୈଦିକ ସମ୍ପଦ ଓ ଏହାର ମନ୍ତ୍ରମାନଙ୍କ ଗୁଢ଼ ଅର୍ଥ ସଠିକ ଅଧ୍ୟୟନ ଓ ଉଚ୍ଚାରଣରେ ହିଁ ପ୍ରକାଶିତ ହୁଏ। ସେ ଲୋକମାନଙ୍କ ମଧ୍ୟରେ ବେଦ ସଚେତନତା ବୃଦ୍ଧି ପାଇଁ ଏହି ପ୍ରକାର ସେମିନାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର ରଘୁନାଥ ପଣ୍ଡା ବେଦ ଅଧ୍ୟୟନରେ ସଂସ୍କୃତ ବ୍ୟାକରଣର ମହତ୍ୱ ଉପରେ ମଧ ଆଲୋକପାତ କରିଥିଲେ। ପ୍ରଫେସର ଦାଶ ବିଭିନ୍ନ ସୂତ୍ର ଓ ମନ୍ତ୍ରମାନଙ୍କ ସାଧାରଣ ଜୀବନରେ ପ୍ରାସଙ୍ଗିକତା ବିଷୟରେ ଅଲୋଚନା କରିଥିଲେ। ପ୍ରଫେସର ମିଶ୍ର ବେଦମାନଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ୱକୁ ବର୍ଣ୍ଣନା କରିବା ସହ ବେଦାଙ୍ଗମାନଙ୍କ ଅବଦାନ ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀ ସେଠୀ ବିଭାଗକୁ ସେମିନାର ସଫଳ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଡ଼ଃ. ପ୍ରଧାନ ଧନ୍ୟବାଦ ଜଣାଇଲେ ଏବଂ ଡ଼ଃ. ଦେବାଶିଷ କର୍ମକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସଂସ୍କୃତ ଶିକ୍ଷକ, ବିଦ୍ୱାନ୍ ଓ ଛାତ୍ରଛାତ୍ରୀମାନେ ସେମିନାରରେ ଯୋଗଦେଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼ଃ. ଫଗୁନାଥ ଭୋଇ ଜଣାଇଛନ୍ତି ।

# ଆଜି ଧାମନଗର ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ: ଶିଳାନ୍ୟାସ ହେବ ୧୦୧ କୋଟି ଟଙ୍କାର ପ୍ରକଳ୍ପ

ଭଦ୍ରକ,୨୧/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସନ୍ତା ୨୨ ତାରିଖ ଶନିବାର ଦିନ ଆସୁଛନ୍ତି। ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଗୋହିରାଟିକିରି ଉନ୍ନୟନ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଧାମନଗର ଜଳସେଚନ ଡାକ ବଙ୍ଗଳା ଠାରେ ସୂଚନା ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଶନିବାର ସକାଳେ ଭଦ୍ରକରୁ ଆସି ଐତିହାସିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ଗୋହିରାଟିକିରିରେ ପହଂଚିବେ। ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନିକଟସ୍ଥ ମଠ ପରିଦର୍ଶନ କରିବେ। ଏହାପରେ ଦେଶର ପ୍ରଥମ ଗୃହମନ୍ତ୍ରୀ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରାରେ ସାମିଲ ହେବେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ଗୋହିରାଟିକିରିଠାରୁ ଦୋବଲ କାଳୀ ବଜାର ପର୍ଯ୍ୟନ୍ତ ପଦଯାତ୍ରା କରିବେ। ଏହାଛଡ଼ା ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହେବେ। ପଦଯାତ୍ରା ପରେ ଦୋବଲ କାଳୀପଡ଼ିଆରେ ଆୟୋଜିତ ସଭାରେ ଧାମନଗର ର ବିକାଶ ପାଇଁ ବିଭିନ୍ନ ଭିତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ। ପ୍ରାୟ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ କରାଯିବ।

## ଏମଜି ରୋଡ ଜବରଦଖଲ ଉଚ୍ଛେଦ

ଜୟପୁର,୨୧/୧୧ (ନି.ପ୍ର): ଜୟପୁର ସହରର ଏମଜି ରୋଡ ଅର୍ଥାତ ବାଳିକା ଉଚ୍ଚବିଦ୍ୟାଳୟ ପାଚେରି କଡରେ ଥିବା ଉଠା ଦୋକାନୀ ମାନେ ବେଇଆଇନ ଭାବେ ବୃଦ୍ଧି କରିବା ସହ ରାସ୍ତାରେ ଯାତାୟତ ସମସ୍ୟା ସୃଷ୍ଟି କରିବା ସହ ଟ୍ରାଫିକ ଜାମ କରୁଛନ୍ତି। ଏପରିକି ବାଳିକା ଉଚ୍ଚବିଦ୍ୟାଳୟର ପାଚେରୀରେ ସହର ସୌନ୍ଦର୍ଯ୍ୟ କରଣ ନିମନ୍ତେ ୱାଲ ପେଂଟି କରାଯାଉଥିବା ଯୋଗୁଁ ଆଜି ଉପଜିଲ୍ଲାପାଳ ଏ.ସସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ପୌରସଂସ୍ଥା କର୍ମଚାରେ ମାନେ ସମସ୍ତ ଉଠା ଦୋକାନୀ ମାନଙ୍କର ଜବରଦଖଲ ଉଚ୍ଛେଦ କରିଥିଲେ। ସେଠାରେ ଦୋକାନ ନ ପକାଇବା ପାଇଁ ତାଗିଦ କରିଥିଲେ। ଯଦି କେହି ଉଠା ଦୋକାନୀ ପୁନର୍ବାର ଦୋକାନ ଖୋଲନ୍ତି ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦିନକୁ ୫ଶହ ଟଙ୍କା ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉଚ୍ଛେଦରେ ପୌରସସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା,ପରିମଳ ନିରୀକ୍ଷକ କିରଣ ମଲ୍ଲିକ, ଜଗଦିଶ ରାଓ, ସତ୍ୟନାରାୟଣ ପାତ୍ର ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ପାଳିତ

ମାଲକାନଗିରି,୨୧/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସଂସ୍କୃତି ଭବନରେ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଆଜି ଜିଲ୍ଲା ସ୍ତରୀୟ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ସମବାୟ ସମୂହର ଉପ ନିବନ୍ଧକ ଥିଓଫିଲ ଶବର ଅଧକ୍ଷତା କରିଥିବାବେଳେ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀ, ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ସହକାରୀ ନିବନ୍ଧକ ବି. ଭେଙ୍କଟ ରାଓ ଓ ସମବାୟ ଅଡିଟର କାହ୍ନୁ ଚରଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

ସର୍ବ ପ୍ରଥମେ ଠାକୁର ଜଗନ୍ନାଥଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଦ୍ୱିପ ପ୍ରଜ୍ୱଳନ କରାଯାଇଥିଲା ଏବଂ ଏହାପରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ତୈଳଚିତ୍ର ରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ଅତିଥିଙ୍କ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହେବା ସହ ପ୍ରାରମ୍ଭିକ ସଙ୍ଗୀତ ଗାନରେ ସମସ୍ତେ 'ବନ୍ଦେ ମାତରଂ ' ଜାତୀୟ ଗୀତ ଗାନ କରିଥିଲେ । ପ୍ରଥମେ ଉପ ନିବନ୍ଧକ ଥିଓଫିଲ ଶବର ସମବାୟ ବିଭାଗ ତରଫରୁ ଆଗତ ଶିର୍ଷକ ' ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ' ଉପରେ ଆଲୋକପାତ କରିଥିଲେ ଓ ପରେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଭାରତ ଏକ କୃଷିପ୍ରଧାନ ଦେଶ ଓ କୃଷକ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେଲେ ନିଶ୍ଚୟ ଦେଶ ମଧ ବୃହତ ଅର୍ଥନୀତି ଆଡ଼କୁ ଅଗ୍ରସର କରିବ ତତ୍ ସହିତ ସେ ସମସ୍ତ ଅଧିକାରୀ ମାନଙ୍କୁ କୃଷି ଓ କୃଷକର ସର୍ବାଙ୍ଗିନ ଉନ୍ନତିରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ରଚନା, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମାଲକାନଗିରି ସମବାୟ ବିଭାଗ ତରଫରୁ ମା ଶାନ୍ତିସେନା ସ୍ୱୟଂ ସହାୟକ ଗୋଷ୍ଠୀକୁ ସର୍ବୋତମ ଏସଏଚଜି, କୁଡୁମୁଲୁଗୁମ୍ମା ଲ୍ୟାମ୍ପକୁ ସର୍ବଶ୍ରେଷ୍ଠ ଲ୍ୟାମ୍ପ ଓ ସଦସ୍ୟ ଭଗବାନ ସାହୁଙ୍କୁ ଉତମ ଲ୍ୟାମ୍ପ ନିର୍ଦ୍ଦେଶକ ଭାବରେ ସମ୍ମାନିତ କରାଯାଇଅଛି । ଶେଷରେ ମାଥିଲି ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶିକା ସନ୍ତୋଷୀ ପରିଡା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଦେବାସହ ଅଧକ୍ଷଙ୍କ ଅନୁମତି କ୍ରମେ ସଭା ସାଙ୍ଗର ଘୋଷଣା କରିଥିଲେ ।

ପ୍ରକାଶ ଥାଉକି, ଆଜିର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସହକାରୀ ନିବନ୍ଧକ ସଞ୍ଜୟ କୁମାର ଦାସ ଓ ଅନ୍ୟ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

# ପରିବା ଦର ଆକାଶଛୁଆଁ: ଖାଉଟି ହନ୍ତସନ୍ତ

ଧର୍ମଶାଳା,୨୧/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରବାଟି ପରିବା ମାର୍କେଟ ରାଜ୍ୟରେ ଏକ ଜଣାଶୁଣା ପରିବା ବଜାର, ହେଲେ କାର୍ତିକ ମାସ ପରେ ମଧ ପରିବା ମୁଲ୍ୟ ହ୍ରାସ ପାଉ ନଥିବା ଯୋଗୁଁ ଖାଉଟିମାନେ ଦହଗଞ୍ଜ ହେଉଛନ୍ତି । ବାରବାଟି ପରିବା ବଜାରରେ ପରିବ ଦର ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ଯାହା ଫଳରେ ଖାଉଟିମାନଙ୍କ ପକେଟରେ ମାଡ ହେଉଛି । କିଲେ ନେବା ଜାଗାରେ ଖାଉଟିମାନେ ଅଧକେଜି ଅଢେଇଶହ ଗ୍ରାମ ପରିବା ନେବାକୁ ବାଧ ହେଉଛନ୍ତି । ସେହିପରି ଏହି ବଜରରୁ ପନିପରିବା ଆଣି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅଧିକ ମୁଲ୍ୟରେ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି । ଜାରକା, ଧର୍ମଶାଳା, କାଏମା, ନାକପୋଲ, ନେଉଳପୁର ଆଦି ବଜାରରେ ବାଇଗଣ କିଲୋ ୮୦ ଟଙ୍କା, ଝୁଡଙ୍ଗ ୧୨୦, ପୋଟଳ ୧୨୦, ବିଲାତିବାଇଗଣ ୭୦, ଫୁଲକୋବି ଗୋଟା ୫୦ ଟଙ୍କାରେ ବିକ୍ରି ହେଉଛି । ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣର ପନିପରିବା ଚାଷ ହୋଇଥାଏ । ହେଲେ ଚଳିତ ବର୍ଷ ବର୍ଷା ଲାଗିରହିବାରୁ ପନିପରିବା ଚାଷ ବାଧାପ୍ରାପ୍ତ ହୋଇଥିଲା । ବର୍ଷା ଛାଡିବା ପରେ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରି ପନିପରିବା ଚାଷ ଆରମ୍ଭ କରିଥିବା ବେଳେ ଅମଳ ସମୟ ହୋଇନଥିବାରୁ ଏଅଂଚଳରୁ ପନିପରିବା ମିଳିବା ସମ୍ଭବପର ହେଉ ନାହିଁ । ବଡବଡ ବ୍ୟବସାୟୀମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ପନିପରିବା ଆଣି ବାରବାଟି ବଜାରରେ ଛୋଟ ଛୋଟ ବ୍ୟବସାହୀମାନଙ୍କୁ ଉଚ୍ଚା ମୁଲ୍ୟରେ ବିକ୍ରି କରିବା ଫଳରେ ପନିପରିବା ଦର ବୃଦ୍ଧି ପାଇଛି । ତେବେ ଆଉକିଛି ଦିନ ପର୍ଯ୍ୟନ୍ତ ପନିପରିବା ମୁଲ୍ୟ ଏଭଳି ଉଚ୍ଚା ରହିବ ସ୍ଥାନୀୟ ଉତ୍ପାଦନ ଆରମ୍ଭ ହୋଇଗଲେ ପନିପରିବା ମୁଲ୍ୟ ହ୍ରାସ ପାଇବ ବୋଲି ବ୍ୟବସାୟୀମାନେ କହିଛନ୍ତି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ୍ ଓ ଜୋରିମାନା

କନ୍ଧମାଳ,୨୧/୧୧ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋସ୍କୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୬ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ ମାମଲାର ୧୪ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ବିଚାର କରି, ମାମଲାର ଦୋଷୀ ଦାରିଙ୍ଗବାଡ଼ି ଥାନା ଅଂଚଳର ତପନ ନାୟକ (୨୫)କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ୍ ଟ୍ରାକ୍ ପୋସ୍କୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

ସୂଚନା ଅନୁସାରେ, ଗତ ୨୦୧୭ ମସିହା ମାର୍ଚ୍ଚ ୪ ତାରିଖ ରାତି୧୦ଟା ସମୟରେ ପୀଡିତା ଶୌଚ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ନିରୋଳା ଦେଖି ତାଙ୍କ ସହିତ ବିବାହର ପ୍ରଲୋଭନ ଦେଖାଇ ଜବରଦସ୍ତି ପୀଡିତାଙ୍କୁ ନିଜ ଘରକୁ ନେଇ ତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା। କିଛି ଦିନ ପରେ ଅଭିଯୁକ୍ତ ପୀଡିତାଙ୍କୁ ଏକୁଟିଆ ଛାଡ଼ି ଦେଇ କେଉଁ ଆଡ଼େ ପଳାଇ ଯାଇଥିଲା ଏବଂ ଫୋନ୍ ରେ ମୁଁ ବିବାହିତ ତୁ ତମ ଘରକୁ ପଳାଇଯା ବୋଲି କହିଥିଲା। ତେଣୁ ପୀଡିତା ବାପ ଘରକୁ ଆସି ସବୁ ଘଟଣା କହି ଦାରିଙ୍ଗିବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ଥାନାଧିକାରୀ ଏକ ମାମଲା ୪୩/ ୨୪.୦୩.୨୦୧୭ ରୁଜୁ କରି ଏସ୍ ଆଇ ଶ୍ରୀକାନ୍ତ ଖମାରିଙ୍କୁ ଘଟଣାର ତଦନ୍ତ ଭାର ଦେଇଥିଲେ। ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଯାଇଥିଲା। ଆଜି ସେହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହ, ପୀଡିତାଙ୍କୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁରୀ ଜିଲ୍ଲାସ୍ତରୀୟ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ

ପୁରୀ,୨୧/୧୧ (ନି.ପ୍ର): ବିଶ୍ୱ ଐତିହ୍ୟ ସମ୍ମିଳନୀ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ସଂକଳ୍ପ ଅନୁଯାୟୀ ବିଶ୍ୱ ଐତିହ୍ୟ ସପ୍ତାହ ପ୍ରତିବର୍ଷ ନଭେମ୍ବର ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱରେ ପାଳନ କରାଯାଏ। ଏହାଦ୍ୱାରା ଆମର ସାଂସ୍କୃତିକ ସମୃଦ୍ଧ ଐତିହ୍ୟ ସ୍ଥଳ ଏବଂ ସ୍ମାରକୀଗୁଡ଼ିକର ଗୁରୁତ୍ୱକୁ ବୁଝିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ। ପୁରୀ ଜିଲ୍ଲା ସ୍ତରରେ ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ, ପୁରୀର ଏସ.ସି.ଏସ. କଲେଜର ଇତିହାସ ପିଜି ବିଭାଗ ମଧ ଚଳିତ ବର୍ଷ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ, ପୁରୀ ସର୍କଲ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ୱ ବିଭାଗର ପି.ଜି. ବିଭାଗ ସହିତ ମିଳିତ ଭାବରେ ଏହି ସପ୍ତାହ ପାଳନ କରିଛି। ଗତକାଲି ଐତିହ୍ୟ ପଦଯାତ୍ରା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଆଜି ପୂର୍ବାହ୍ନରେ ଭବିଷ୍ୟତରେ ସମ୍ଭାବ୍ୟ ଐତିହ୍ୟ ସ୍ଥଳ ଏବଂ ସ୍ମାରକୀଗୁଡ଼ିକର ସୁରକ୍ଷାର ଆହ୍ୱାନ ବିଷୟରେ ଆଲୋଚନା କରାଯାଇଥିଲା। ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ 'ଓଡିଶାର କାଳଜୟୀ ଐତିହ୍ୟ ପ୍ରକାଶ: ସମ୍ଭାବନା ଏବଂ ଚ୍ୟାଲେଞ୍ଜ' ବିଷୟବସ୍ତୁ ଉପରେ ଏକ ଜାତୀୟ ସେମିନାର ଆୟୋଜନ କରାଯାଇଥିଲା। ଏହି ବିଷୟ ଉପରେ ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ଉପସ୍ଥାପନ ଏବଂ ଆଲୋଚନା କରାଯାଇଥିଲା, ଯାହା ଏକ ରୋଡ ମ୍ୟାପ୍ ପ୍ରସ୍ତୁତ କରିବାର ପଥ ପ୍ରଶସ୍ତ କରିଥିଲା। ଉଦ୍ଘାଟନୀ ଅଧିବେଶନରେ ଇତିହାସ ଏବଂ ପ୍ରତ୍ନତତ୍ତ୍ୱର ପ୍ରଖ୍ୟାତ ବିଦ୍ୱାନମାନେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ; ପ୍ରଫେସର କେ. ସୂର୍ଯ୍ୟ ନାରାୟଣ, ପ୍ରଫେସର ଏମେରିଟସ୍, ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ପ୍ରଫେସର ଏମେରିଟସ୍ ରେଭେନ୍ସା ବିଶ୍ୱବିଦ୍ୟାଳୟ; ସମ୍ମାନିତ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମିରେଟସ୍ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଏଆଇଏଚସି ଏବଂ ପ୍ରତ୍ନତତ୍ୱ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଅନାମ ବେହେରା ଯୋଗ ଦେଇଥିଲେ। ଶେଷ ଅଧିବେଶନର ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱରର ଏଏସଆଇ ର ବିଜ୍ଞାନ ଶାଖାର ଅଧୀକ୍ଷକ ପ୍ରତ୍ନତତ୍ୱ ରସାୟନବିଦ ଡକ୍ଟର ଶିବ ଶଙ୍କର ପଣ୍ଡା ଏବଂ ଅନୁଗୁଳର ସରକାରୀ (ସ୍ୱୟଂଚାଳିତ) କଲେଜର ସହାୟକ ପ୍ରଫେସର ଡକ୍ଟର ରୀନା ମାରାଣ୍ଡି ଯୋଗ ଦେଇଥିଲେ। ଉଭୟ ଅଧିବେଶନର ସମସ୍ତ ବକ୍ତାମାନେ ଦର୍ଶକମାନଙ୍କୁ ଆମର ସମୃଦ୍ଧ ଐତିହ୍ୟର ଚମତ୍କାର ବିଷୟରେ ଗର୍ବ କରିବା ପାଇଁ ଏକ ଭର୍ଚୁଆଲ୍ ପଦଯାତ୍ରା କରାଇଥିଲେ ଏବଂ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ଦ୍ୱାରା ସେମାନେ ଆମର ଐତିହ୍ୟର ସଂରକ୍ଷଣ ଏବଂ ସଂରକ୍ଷଣରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିପାରିବେ। ଏହି ଅଧିବେଶନରେ ଏସ ସି ଏସ ସ୍ୱୟଂ ଶାସିତ କଲେଜର ଅଧକ୍ଷ ପ୍ରଫେସର ଚିତ ରଞ୍ଜନ ଦ୍ୱିବେଦୀ ଅଧକ୍ଷତା କରିଥିଲେ। ସହକାରୀ ପ୍ରଫେସର ଏବଂ ମୁଖ୍ୟ ଡକ୍ଟର ସଂଗୀତା ମିଶ୍ର ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଅଜୟ କୁମାର ସେଠୀ ସଂଯୋଜନା କରିଥିଲେ।

# ଜିଲ୍ଲା ସ୍ତରୀୟ ସାଇବର ଅପରାଧ ନିରାକରଣ ଓ ଏହାର ନିରାପତ୍ତା, ସଚେତନତା, ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର

ଗଞ୍ଜାମ,୨୧/୧୧ (ନି.ପ୍ର): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସାଇବର ଅପରାଧ ନିରାକରଣ ଓ ଏହାର ନିରାପତା, ସଚେତନତା, ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦେଶରେ ମହିଳା ଓ କିଶୋରୀ ମାନଙ୍କୁ ସଶକ୍ତିକରଣ କରିବା ଓ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାର ଶିକ୍ଷା କ୍ଷେତ୍ରରେ, ସ୍ୱାସ୍ଥ୍ୟ କ୍ଷେତ୍ରରେ, ଆର୍ଥିକ କ୍ଷେତ୍ରରେ ଓ ରାଜନୈତିକ କ୍ଷେତ୍ରରେ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଏହି ତାଲିମ୍ ଶିବିରରେ ଅଧକ୍ଷତା କରି କହିଥିଲେ । ଶିଶୁ କନ୍ୟାମାନଙ୍କ ଶିକ୍ଷା, ମହିଳା ମାନଙ୍କୁ ନିଜ ଅଧିକାର ଏବଂ ସୁବିଧା ସୁଯୋଗ, ସାଇବର ଅପରାଧ ଓ ଏହାର ନିରାକରଣ ଉପରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ତାଲିମ୍ ଶିବିରର ମୂଳ ଉଦ୍ଦେଶ୍ୟ ।

ଏହି ତାଲିମ୍ ଶିବିର କାର୍ଯ୍ୟକ୍ରମରେ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସୋରେନ୍ ଯୋଗଦେଇ କହିଥିଲେ ଯେ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ମହିଳା ସଶକ୍ତିକରଣ ହବ୍, ସମାଜରେ ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ଦୂର କରିବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ ।

ଛତ୍ରପୁର ସାଇବର ସେଲ୍ ସହକାରୀ ସବ୍ ଇନିସ୍ପେକ୍ଟର କିରଣ ଚନ୍ଦ୍ର ପାତ୍ର ଯୋଗଦେଇ ସାଇବର ଅପରାଧର ମାଧ୍ୟମ ଓ ଏହାର ନିରାକରଣ, ପ୍ରକାରଭେଦ ଓ ଏଥିରୁ କିପରି ନିଜର କଷ୍ଟଲବ୍ଧ ସଂଚିତ ଅର୍ଥକୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ ସୁବିସ୍ତୃତ ବୁଝାଇଥିଲେ । ଜନସାଧାରଣ ଲୋଭର ବଶବର୍ତୀ ହୋଇ କିମ୍ୱା ଭୟ ଯୋଗୁଁ ସାଧାରଣତଃ ସାଇବର ଠକେଇର ଶିକାର ହୋଇଥାଆନ୍ତି । କିଶୋରୀ ବାଳିକା ଓ ମହିଳା ମାନଙ୍କୁ ଅନ୍ ଲାଇନ୍ ଅପରାଧ ଓ ଠକେଇରୁ ଦୂରେଇ ରହିବା ପାଇଁ ପ୍ରବର୍ତାଇଥିଲେ । ତତ୍ ସହିତ ଅନ୍ ଲାଇନ୍ ଗେମ୍, ୟୁଆରଏଲ, ଓଏଲଏକ୍ସ, ଏପିକେ ଲିଙ୍କ ଜରିଆରେ ହେଉଥିବା ପ୍ରଲୋଭନ ଜନିତ ଠକେଇରୁ ନିରାପଦ, ସାଇବର ଠକେଇର ଶିକାର ହେଲେ ଏକ ଘଂଟା ମଧ୍ୟରେ ୧୯୩୦ କୁ କଲ୍ କରି କିମ୍ୱା ସାଇବର ଅପରାଧ ସହାୟତା କେନ୍ଦ୍ରକୁ ୱେବ୍ ସାଇଟ୍ ରେ ଅନଲାଇନ୍ ଅଭିଯୋଗ ଦାଖଲ କରି ସମସ୍ତ ତଥ୍ୟ ଜଣାଇବା ଉଚିତ୍ ବୋଲି ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ ।

ପ୍ରାରମ୍ଭରେ ଜିଲ୍ଲା ମହିଳା ସଶକ୍ତି କରଣ ହବ୍ ର ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ତାଲିମ୍ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ବୁଝାଇବା ସହ ପରିଚାଳନା କରିଥିଲେ । ଶେଷରେ ବେଟି ବଚାଓ ବେଟି ପଢାଓ ସ୍କିମ୍ ର ଲକ୍ଷ୍ୟ ଓ ଏହାର ଉଦ୍ଦେଶ୍ୟ ବିଷୟରେ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ । ଗଞ୍ଜାମ ଜିଲ୍ଲାରେ ଲିଙ୍ଗଗତ ଅନୁପାତ ୧୦୦୦ ରେ ୮୭୦ ଥିବା ଜଣାପଡିଥିବା ପ୍ରକାଶ କରିଥିଲେ। କନ୍ୟା ଭୃଣହତ୍ୟା ଓ ଯୌତୁକ ନିର୍ଯାତନା ରୋକିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ବୁଝାଇବା ସହ ଏହାର ପ୍ରଚାର ପ୍ରସାର କରି ଜନ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଗଞ୍ଜାମ ଜିଲ୍ଲାର ଜଣାଶୁଣା କଳାକାର ତଥା ଶିକ୍ଷକ ପ୍ରିତିରଞ୍ଜନ ପ୍ରଧାନ ସାଇବର ଠକେଇ ବିଷୟରେ ଆଲୋକପାତ କରିଥିଲେ । ବେଟୀ ବଚାଓ ବେଟୀ ପଢାଓ ଯୋଜନା ଅଧିନରେ ଜିଲ୍ଲା ସ୍ତରରେ ଡିଜିଟାଲ୍ ଚମ୍ପିୟନ ହୋଇଥିବାରୁ ରଙ୍ଗେଇଲୁଣ୍ଡା ବ୍ଲକ୍ ର ମିସ୍ ପ୍ରିୟାଂଶୀ ପାଢୀ, ମିସ୍ ଶିବାଙ୍ଗୀ ପ୍ରଧାନ (ମାଙ୍କେ), ପୁରୁଷୋତମପୁର ବ୍ଲକ୍ ର ମିସ୍ ଶିବାନୀ ପ୍ରଧାନ ଓ ହିଞ୍ଜିଳିକାଟୁ ବ୍ଲକ୍ ର ମିସ୍ ସ୍ନେହାରାଣୀ ଗୌଡଙ୍କୁ ସମ୍ମାନୀତ କରାଯାଇଥିଲା ।

ବୈଠକରେ ସମସ୍ତ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର, ଜିଲ୍ଲା ଲିଙ୍ଗ ବିଶେଷଜ୍ଞ ସମ୍ବଳ, ସାମର୍ଥ୍ୟ ଓ ଆର୍ଥିକ ସାକ୍ଷରତା, ଶିକ୍ଷା ବିଭାଗର ସହକାରୀ ଶିକ୍ଷାଧିକାରୀ, ଜିଲ୍ଲା ମୁଖ୍ୟଚିକିତ୍ସାଳୟ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସ୍ତରୀୟ ଓ ଛତ୍ରପୁର ବ୍ଲକ୍ ସ୍ତରୀୟ ଅଧିକାରୀ ଗଣ, ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଗଣ, ପିଆରଆଇ ମେମ୍ବର୍ସ, ଶିକ୍ଷକଗଣ, ସରପାକରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଗଣ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମହିଳା ସଶକ୍ତିକରଣ ହବ୍ ର କର୍ମକର୍ତାଙ୍କ ସହଯୋଗରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା ।

# ସରନ୍ଦାଯୋଡ଼ି ଗାଁରେ ପକ୍କା ରାସ୍ତା ଆଉ ପାଣି ନାହିଁ ତ ଭୋଟ ନାହିଁ

ଜୟପୁର ,୨୧/୧୧ (ନି.ପ୍ର): ମୌଳିକ ସୁବିଧାରୁ ବଂଚିତ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ । ଗାଁ କୁ ପକ୍କା ରାସ୍ତା ଆଉ ପାଣି ସୁବିଧା ହେଲେ ଭୋଟ ଦେବେ, ନଚେତ ଭୋଟ ଦେବେନି ଗାଁ ଲୋକେ । ଏଭଳି ନିଷ୍ପତ୍ତି ନେଇଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କୋଲାର ପଂଚାୟତ ର ସୁନ୍ଦରଯୋଡି ଗାଁ ଲୋକେ । ବିଭିନ୍ନ ମୌଳିକ ସୁବିଧାରୁ ବଂଚିତ ରହିଛନ୍ତି ଗାଁର ଲୋକେ । ବଣ ପାହାଡ ଘେରା ଏହି ଗାଁରେ ଆଜି ବି ସ୍ଥିତିରେ ସୁଧାର ନାହିଁ । ଯେଉଁଠି ଭଲ ରାସ୍ତାଟିଏ ନଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି । ଆଉ ପିଇବା ପାଣି ସୁବିଧା ନଥିବାରୁ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି ନିରୀହ ଗାଁ ଲୋକେ । ବାଧ ହୋଇ ଛୁଆଁ ପାଣି ଉପରେ ଭରସା କରିଛନ୍ତି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଂଚାୟତର ସରନ୍ଦଯୋଡି ଗାଁ ରେ ମୋଟ କୋଡ଼ିଏ ଘର ପରିବାର ବସବାସ କରନ୍ତି । ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ନଥିବାରୁ ଗ୍ରାମବାସୀ ୨କିମି ଦୂର ଚାଲି ଚାଲି ଜାତୀୟ ରାଜପଥକୁ ଯାଉଛନ୍ତି। ପରେ କୌଣସି ଗାଡ଼ିରେ ଭଡା କିମ୍ବା ରାସନ୍ ସାମଗ୍ରୀ ଆଣିବା ନିମନ୍ତେ ପ୍ରାୟ ୯କିମି ଦୂର ପଂଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ୫ କିଲୋ ଚାଉଳ ପାଇଁ ଗାଡ଼ି ଭଡ଼ା ବାବଦକୁ ଶହେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅନ୍ୟପଟେ ସରନ୍ଦାଯୋଡ଼ି ରାସ୍ତାରେ ପାହାଡ଼ିଆ ନଦୀ ବାଟ ଅଗାଳୁଥିବାରୁ ବର୍ଷାଦିନେ ଗ୍ରାମବାସୀ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାନ୍ତି। ଗାଁରେ ବିଦ୍ୟାଳୟ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୋମଳମତି ଶିଶୁମାନେ ପ୍ରାକ୍ ଶିକ୍ଷା ପାଇଁ ନାଳ ପାର ହୋଇ ଚାଲି ଚାଲି ୩ କିମି ଦୂର ଚିଲିମାଳ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଛନ୍ତି। ଏଥିସହ ଛାତ୍ରଛାତ୍ରୀମାନେ ୬ କିମି ଦୂର ମୁଦୁଲିଗୁଡ଼ା ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥାନ୍ତି। କିନ୍ତୁ ବର୍ଷାଦିନେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଥାଏ। ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏକମାତ୍ର ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ବାଧ ହୋଇ ଗ୍ରାମବାସୀ ଚୁଆ ପାଣି ପିଉଛନ୍ତି। ଏହି ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଗାଁକୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇପାରୁନଥିବାରୁ ଜରୁରୀ ସମୟରେ ଗର୍ଭବତୀ ଓ ରୋଗୀଙ୍କୁ ଭାରରେ ବୋହି ଜାତୀୟ ରାଜପଥ ପର୍ଯ୍ୟନ୍ତ ନିଆଯାଉଛି। ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଉଛି। ଏଭଳି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ସରନ୍ଦାଯୋଡ଼ି ଗ୍ରାମବାସୀଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ନପଡ଼ିବା ପରିତାପର ବିଷୟ ପାଲଟିଛି। ଏ ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଭୋଟ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

# ଦେବସେନା ସଂଗଠନ ବିଦ୍ୟୁତ୍ ଉପଭୋକ୍ତା ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ



ବସ୍ତା , ୨୧/୧୧ (ନି.ପ୍ର): ଦେବସେନା ସଂଗଠନର ଜିଲ୍ଲା ସଭାପତି ଶ୍ରୀମାନ ଶଙ୍କରଜେନା ଙ୍କ ଅଭିଯୋଗ । ମାନବସେବା ହିଁ ମାଧବସେବା। ଉକ୍ତ ବ୍ରତକୁ ଜୀବନର ବ୍ରତଭାବି ଆଜି ପର୍ଯ୍ୟନ୍ତ ସଦାସର୍ବଦା ସମାଜ ର ମଙ୍ଗଳ କାମନା କରିଆସୁଛି । ଜ୍ଞାତ ପାଖରୁ ପ୍ରଥମେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବସ୍ତା ଖଣ୍ଡର ସେବା ପ୍ରମୁଖ ଭାବରେ କାର୍ଯ୍ୟକରୁଥିବା ବେଳେ ହଠାତ୍ ଏକ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ର ଯୁବମୋର୍ଚ୍ଚା। ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରୁଥିଲି ଦରଡା ମଣ୍ଡଳ ତରଫରୁ। ସାଂଗଠନିକ କାର୍ଯ୍ୟ କ୍ରମ ର ମୂଳଦୂଆ ସେଇଠାରୁ ହିଁ ଆରମ୍ଭ ହୋଇଥିଲା। ସମୟ କ୍ରମେ ହିନ୍ଦୁତ୍ୱ ବିଚାର ଧାରାରେ ଭାବ ଗଦଗଦ ହୋଇ ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ଦେବସେନା ର ମହାସଚିବ, ଉପାଧକ୍ଷ ପରେ ପରେ ଏବେ ବାଲେଶ୍ୱର ଜିଲ୍ଲା ର ଦେବସେନା ଅଧକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରୁଛି ।ଏହା ଭିତରେ ସ୍ୱର୍ଣ୍ଣ ଏଫ୍ ଏମ ୯୧.୨ ର ସଭାପତି ହେବା ସହିତ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ନାମକ ଏକ ସଂଗଠନ ପ୍ରତିଷ୍ଠା କରିଅଛି। ମାତ୍ର ଅନେକ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରୁଥିବା ସମୟରେ ଧିରେ ଧିରେ ପଥ ରୋଧ କରନ୍ତି ସାମ୍ବାଦିକ ଦୀନବନ୍ଧୁ ପ୍ରଧାନ। ଅନେକ ସମୟରେ ସଂଗଠନ କୁ ନେଇ ଟାହିଟାପରା କରିବା ସହିତ ଅର୍ଥ ସଂଗ୍ରହ ର ବାଟ କରିଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ମଧ ଦିଅନ୍ତି। ମାତ୍ର ଏସବୁକୁ ଖାତିରି ନ କରି ମୁଁ ଆଗେଇଚାଲେ ମୋ କର୍ତ୍ତବ୍ୟ ପଥରେ। ବୃକ୍ଷ ରୋପଣ କାର୍ଯ୍ୟ କ୍ରମ, ରକ୍ତଦାନ ଶିବିର,ସଫେଇ କାର୍ଯ୍ୟ କ୍ରମ,ରୋଗୀସେବା, ଜଳ ଛତ୍ର ଖୋଲିବା ଭଳି ଅନେକ କାର୍ଯ୍ୟ କ୍ରମ ସହିତ ଜଡ଼ିତ ହେବା ପରେ ପରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅବ୍ୟବସ୍ଥା ବାବଦରେ ଅହୋରାତ୍ର ଆମରଣ ଅନଶନ ପାଇଁ ସହୋଯୋଗୀ ମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ କରିଥିଲେ ।ଏ ବାବଦରେ ଅନେକ ମିଥ୍ୟା ଅଭିଯୋଗ ସହିତ ମୋଟା ଅଙ୍କର ଅର୍ଥ ରାଶି ଦ୍ୱାରା କାର୍ଯକ୍ରମ କୁ ବନ୍ଦ କରିଦେବାର ଷଡ଼ଯନ୍ତ୍ର କରନ୍ତି ଶ୍ରୀଯୁକ୍ତ ପ୍ରଧାନ। ମାତ୍ର କିଛି ଦିନ ତଳେ ଶ୍ରୀଯୁକ୍ତ ପ୍ରଧାନ ସାମାଜିକ ଗଣମାଧମ ଫେସବୁକ୍ ରେ ମତେ ଟାଉଟର, ଦଲାଲ୍,ଭଡୁଆ ପରି ଅପଶବ୍ଦ ବ୍ୟବହାର ସହ ମୋର ଗୁପ୍ତ ଫାଇଲ୍ ରଖିଛନ୍ତି ବୋଲି ଧମକ ଦେଲେ ।ମୋର ସମ୍ମାନ ହାନି କଲେ। ଏହା ପରେ ପରେ ମୁଁ ଆଇନ୍ ର ଆଶ୍ରୟ ନେବା ସହିତ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଡାକ ଯୋଗେ ସମସ୍ତ ତଥ୍ୟ ପ୍ରଦାନ କରିଅଛି। ପରନ୍ତୁ ମୁଁ ଶୁଣିବାକୁ ପାଉଛି ମୋ ନାମରେ ମିଥ୍ୟା ଅଭିଯୋଗ କରି ମତେ ଗିରଫ କରିବା ପାଇଁ ଖସଡା ପ୍ରସ୍ତୁତ କରୁଛନ୍ତି ।ଯହାକି ବସୁଧା ଧର୍ମହୀନ ବୋଲି ମତେ ଅନୁଭବ ହେଲାଣି। ଆଗାମୀ ଦିନରେ ମୋର କୌଣସି ବି କ୍ଷତି କିମ୍ବା ଷଡ଼ଯନ୍ତ୍ର ମୁତାବକ ଆଇନ ଦ୍ୱାରା ଫସାଇଦେଲେ ଏଥିପ୍ରତି ଶ୍ରୀଯୁକ୍ତ ପ୍ରଧାନ ହିଁ ଦାୟୀ ରହିବେ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସହଯୋଗୀ ମାନଙ୍କ ର ମଧ ଏଥିରେ ହାତ ଅଛି ଯାହାକି ଆଗାମୀ ଦିନରେ ସେମାନଙ୍କ ର ନାମ ମୁଁ ଲୋକଲୋଚନକୁ ଆଣିବିବୋଲି ଶ୍ରୀଯୁକ୍ତ ଜେନା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।ତେବେ ଏହିସମସ୍ତ ଘଟଣା ଶ୍ରୀମାନ ଶଙ୍କର ଜେନାଙ୍କ ଠାରୁ ଶୁଣିବାପରେ ଶ୍ରୀଯୁକ୍ତ ଦିନବନ୍ଧୁ ପ୍ରଧାନଙ୍କୁ ଗାନ୍ଧି ଛକରେ ସାକ୍ଷାତ କରିଥିଲୁ ।ତାଙ୍କୁ ପ୍ରତିକ୍ରିୟା ମାଗିବାରୁ ସେକହିଲେ ସୁସିଆଲ ମିଜିଆରେ ସାମ୍ବାଦିକଙ୍କୁ ନକଲି ସାମ୍ବାଦିକ କହିବାସହିତ ବଟିଆଦାୟ କରୁଥିବାର ପୋଷ୍ଟ କରିବାପରେ ମୁଁ ସୁସିଆଲ ମିଡିଆରେ ମୋରଲେଖା ପୋଷ୍ଟ କରିଛି ।ତେଣେ ମୁଁ ବାଇଟ ଦେବିନାହିଁ ବୋଲି କହି ପଳାଇ ଯାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦୁଇଦିନିଆ ଓଡ଼ିଶା ...

ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା। ଏଠାରୁ ସେ ସିଧାସଳଖ ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବେ। ତାପରେ ସେ କଟକରେ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏଣେ ଭଦ୍ରକରେ ବି ତାଙ୍କର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ବିହାରରେ ଏନ୍‌ଡିଏକୁ ୨୦୨ ଆସନ ସହ ସ୍ପଷ୍ଟ ଓ ପ୍ରବଳ ବହୁମତ ମିଳିଛି। ୩୫ ଆସନ ଭିତରେ ମହାମେଣ୍ଟ ସୀମିତ ରହିଛି। ଏହି ସଫଳତା ପଛରେ କେବଳ ନୀତୀଶ କୁମାରଙ୍କ ଯୋଜନା ନାହିଁ, ବରଂ ବିଜେପିର ସୁପରିକଳ୍ପିତ ରଣନୀତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୋଦୀ-ନୀତୀଶ ଯୋଡ଼ି ଏପରି ପରିବେଶ ସୃଷ୍ଟି କଲେ ଯେ, ଏନ୍‌ଡିଏର ପୁରୁଣା 'ଚମକ' ଫେରି ଆସିଲା। ତେବେ ଏହି ଧାରା ମଧ୍ୟରେ ଦ୍ରୁତ ଗତିରେ ଉଭା ହେଉଥିବା ଗୋଟିଏ ନାମ ହେଉଛି ଧର୍ମେନ୍ଦ୍ର ପ୍ରଧାନ। ବିଜେପିର ଏହି ପ୍ରମୁଖ ନିର୍ବାଚନ ରଣନୀତିଜ୍ଞ ତଥା କେନ୍ଦ୍ରମନ୍ତ୍ରୀ ବିହାରରେ ଦଳକୁ ନୂତନ ଶିଖରକୁ ନେଇଛନ୍ତି।

### ଦୁବାଇରେ ଭାରତୀୟ...

ରଣକୌଶଳ ଦେଖାଉଥିବା ବେଳେ ଗୋଟିଏ ଆଇଏଏଫ ତେଜସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ପାଇଲଟ ପ୍ରାଣ ହରାଇଛନ୍ତି। ଭାରତୀୟ ବାୟୁ ସେନା ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସହ ରହିଥିବା କହିଛି। ସେହିପରି ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ ଇନକ୍ୱାରୀ ନିର୍ଦ୍ଦେଶ ଦିଆଯାଇଥିବା ବାୟୁସେନା କହିଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ତେଜସ ଯୁଦ୍ଧ ବିମାନ ଆକାଶରେ ଉଡୁଥିବା ବେଳେ ହଠାତ୍ ତଳ ମୁହାଁ ହେଉଛି। ଏହାପରେ ଏହା ସିଧା ଏୟାର ପୋର୍ଟ ନିକଟ ବାଲିରେ ଦ୍ରୁତଗତିରେ ପିଟି ହେଉଛି। କ୍ରାଶ ହେବା ପରେ ଏହା ଜଳି ପାଉଁଶ ହୋଇଯାଇଛି। ପୂରା କ୍ରାଶର ଦୃଶ୍ୟ କ୍ୟାମେରାରେ କଏଦ ହୋଇଥିବା ବେଳେ ପାଇଲଟ ଏଥରୁ ବାହାରୁ ଥିବା କୌଣସି ପ୍ରକାରର ଦେଖାଯାଉ ନାହିଁ। ଭାରତର ହାଲ ତିଆରି କରିଥିବା ତେଜସ ହେଉଛି ଭାରତୀୟ ବାୟୁସେନାର ପ୍ରମୁ ଯୁଦ୍ଧ ବିମାନ। ସ୍ଥାନୀୟ ସମୟ ଦିନ ୨.୧୦ରେ ଏହା କ୍ରାଶ ହୋଇଛି। ଦୁବାଇର ଲ ମାକଟୋମ ଅନ୍ତର୍ଜାତୀୟ ଏୟାରପୋର୍ଟରେ ତେଜସ ଆକାଶରେ ନିଜର ରଣକୌଶଳ ଦେଖାଉଥିବା ବେଳେ ତଳକୁ ଖସି ଜଳି ଯାଇଛି। ଏୟାର ଶୋ'କୁ ଶତାଧିକ ଲୋକ ଦେଖୁଥିବା ବେଳେ ସର୍ବସମ୍ମୁଖରେ ଏତେ ବଡ଼ ଅଘଟଣ ଘଟିଛି। ଘଟଣା ପରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ବେଳେ ପାଇଲଟଙ୍କ ସମ୍ପର୍କରେ ସୂଚନା ହାସଲ କରାଯାଉଛି। ସେହିପରି ପୂରା ଅଞ୍ଚଳରେ ଏମର୍ଜେନ୍ସି ଲାଗୁ କରାଯାଇଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ -୨୦୨୫ ପାଳିତ

ବାଲେଶ୍ୱର , ୨୧/୧୧ (ନି.ପ୍ର): ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ -୨୦୨୫ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ବିଭାଗ ,ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପ୍ତି କାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ପ୍ରାରମ୍ଭରେ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପୁଷ୍ପ ଅର୍ପଣ କରି କାର୍ଯ୍ୟାରମ୍ଭ ହୋଇଥିଲା ।ଏହି ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଶ୍ରୀଯୁକ୍ତ ସୁଧାକର ନାୟକ, ମାନ୍ୟବର ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରାଉତ,ଅପିକୋଲ ଜିଲ୍ଲା ସଂଯୋଜକ ସୁଶ୍ରୀ ପ୍ରତିଜ୍ଞା ଉତ୍କଳିକା ଦାସ, ମେରାଇନ୍, ଏ.ଡି.ଏଫ୍.ଓ ସି.ଏସ.ପଲ୍ଲବୀ, ଟ୍ରୋଲୋର ସଂଗଠନ ଅଧକ୍ଷ ଶ୍ରୀଯୁକ୍ତ ବାଦଲ ଦାସ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ନାୟକ, ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିଲେ ।ଏହି ଦିବସ ପାଳନ ସମାରୋହରେ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ବିଭାଗୀୟ ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପ୍ତି କାନ୍ତ ମହାପାତ୍ର ଦିବସ ପାଳନର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱାଗତ ଅଭିଭାଷଣରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ଏହି ଦିବସ ପାଳନ ଅବସରରେ ମୂଖ୍ୟ ଅତିଥି ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମାଛ ଚାଷ ଏକ ଲାଭଦାୟକ ଉତ୍ସ ।ସାରା ବିଶ୍ୱରେ ଆମ ଭାରତ ମାଛ ଅମଳ ବା ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ମାଛରୁ ଆମେ ବିଭିନ୍ନ ଭିଟାମିନ ପାଇଥାଉ ଓମେଗା ଭଳି ଉତ୍କୃଷ୍ଟ ମାନର ଭିଟାମିନ ଉପାଦାନ ପାଇପରିଥାଉ। ତେଣୁ ମତ୍ସ୍ୟ ଚାଷ କରି ଉନ୍ନତ ମାନର ଯାଆଁଳା ବ୍ୟବହାର କରି ଅଧିକ ଉତ୍ପାଦନ ନିମେନ୍ତ ସରକାର ବିଭିନ୍ନ ଯୋଜନାରେ ଫାଇଦା ନେବାକୁ ଉପସ୍ଥିତ ମତ୍ସ୍ୟଜୀବି, ମତ୍ସ୍ୟ ବ୍ୟବସାୟୀ, ମତ୍ସ୍ୟ ଚାଷୀ ମାନଙ୍କୁ ପ୍ରବର୍ତାଇଥିଲେ। ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀଯୁକ୍ତ ସୁଧାକର ନାୟକ ଏହି ବିଶ୍ୱ ମତ୍ସ୍ୟ ଦିବସ ପାଳନ ବିଗତ ୨୦୧୮ ମସିହାରୁ ପାଳନ ହୋଇ ଆସୁଥିବା ବେଳେ ଆମ ଓଡିଶାର ବାଲେଶ୍ୱର ଜିଲ୍ଲାରେ ଏହି ଦିବସ ପାଳନର ଆବଶ୍ୟକତା, ମତ୍ସ୍ୟଜୀବି ପରିବାର ପ୍ରତି ସରକାରଙ୍କ ଆଭିମୁଖ୍ୟ , ବିଭିନ୍ନ ଯୋଜନା ଏବଂ ସହାୟତା ସଂପର୍କରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ମାଛ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୫ଗୋଟି ବିଭାଗରେ ୧୧୭ ଗୋଟି ଯୋଜନା ମାଧମରେ ହିତାଧିକାରୀଙ୍କୁ ବ୍ୟାଙ୍କ୍ ମାଧମରେ ରିହାତି ରେ ଋଣ ଅର୍ଥ ଯୋଗାଇ ଦେଉଥିବା ସମ୍ପର୍କରେ ଅବଗତ କରିଥିଲେ ।ଏହି ମତ୍ସ୍ୟ ଚାଷ ପାଇଁ ଆଗ୍ରହୀ ହିତାଧିକାରୀ ଆବଶ୍ୟକ ଜମିରେ ପୋଖୋରୀ ଖୋଳିବା ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ଅନୁସୂଚୀତ ଜାତି ଓ ଜନଜାତି ବର୍ଗ ଏବଂ ସ୍ୱଂୟ ସହାୟକ ଗୋଷ୍ଠୀ ଙ୍କ ନିମନ୍ତେ ସର୍ବାଧିକ ୫୦ରୁ ୬୦ ପ୍ରତିଶତ ରିହାତି ଏବଂ ସାଧାରଣ ବର୍ଗ ଙ୍କ ନିମନ୍ତେ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ମଧୁର ଜଳ ଓ ସାମୁଦ୍ରିକ ଜଳ ମାଛ ଶିକାର ବେଆଇନ ଭଳି କାର୍ଯ୍ୟରୁ ନିବୃତ ରହିବାକୁ ପରାମର୍ଶ ଏବଂ ମାଛ ଯାଆଁଳ ସମୟରେ ସମୁଦ୍ରରେ ମାଛ ଶିକାର ବେଆଇନ, ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ସଙ୍ଗେ ସଙ୍ଗେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟ ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ଜିଲ୍ଲା ଓ ବ୍ଲକରୁ ସାମିଲ ହୋଇଥିବା ୫ ଗୋଟି ବିଭାଗର ଅଧିକାରୀ,କର୍ମକର୍ତ୍ତା, ମତ୍ସ୍ୟ ଚାଷୀ, ମତ୍ସ୍ୟ ଜୀବି ସଂଗଠନର କର୍ମକର୍ତ୍ତା, ମତ୍ସ୍ୟ ବ୍ୟବସାୟୀ, ଟ୍ରୋଲର୍ ସଂଗଠନ କର୍ମକର୍ତ୍ତା ସମେତ ସାମ୍ବାଦିକ ବନ୍ଧୁ ଯୋଗ ଦେଇଥିଲେ ।ଏହି ଦିବସ ପାଳନ ସଫଳତା ନିମନ୍ତେ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ସୁବ୍ରତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବାହାନଗା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ଅନିଶା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଗୁଜରାଟ: ଘରେ ନିଆଁ ଲାଗି ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୧/୧୧ : ଗୁଜରାଟର ଗୋଧ୍ରା ସହରରେ ଶୁକ୍ରବାର ସକାଳେ ବାମରୌଲି ରୋଡ୍ ନିକଟସ୍ଥ ଗଙ୍ଗୋତ୍ରୀ ନଗର ଅଞ୍ଚଳର ଏକ ଘରେ ନିଆଁ ଲାଗିବାରୁ ଗୋଟିଏ ପରିବାରର ଚାରିଜଣ ସଦସ୍ୟଙ୍କ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। ଏହି ଘରରେ ଆଜି 'ନିର୍ବନ୍ଧ'ର ପ୍ରସ୍ତୁତି ହେବାକୁ ଥିଲା। ଏହି ହୃଦୟବିଦାରକ ଘଟଣାରେ ଗୋଟିଏ ପରିବାରର ଚାରିଜଣଙ୍କ ମୃତ୍ୟୁ ଘଟିଛି—'ବର୍ଧମାନ ଜୁଏଲର୍ସ'ର ମାଲିକ ଏବଂ ପିତା କମଳଭାଇ ଦୋଷୀ (୫୦), ମାତା ଦେବଳବେନ୍ ଦୋଷୀ (୪୫), ଠୁଲୁଅ ଛୁଆ ଦେବ କମଳଭାଇ ଦୋଷୀ (୨୪) ଏବଂ ଛୋଟ ଛୁଆ ରାଜ କମଳଭାଇ ଦୋଷୀ (୨୨)। ସୂଚନା ଅନୁସାରେ, ଘରର ଗ୍ରାଉଣ୍ଡ ଫ୍ଲୋରରେ ରଖାଯାଇଥିବା ସୋଫାରେ ବିଳମ୍ବିତ ରାତିରେ ଶର୍ଟ ସର୍କିଟ୍ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଘର ଚାରିପଟୁ କାଚରେ ପୂରାପୂରି ବନ୍ଦ ଥିବାରୁ ଧୂଆଁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ଧୀରେ ଧୀରେ ସମଗ୍ର ଘର ବିଷାକ୍ତ ଧୂଆଁରେ ଭରିଯାଇଥିଲା।

# ସିଆଇଟିୟୁ, ଓଡିଶା କୃଷକସଭା, କୃଷି ଓ ଗ୍ରାମୀଣ ଶ୍ରମିକ ୟୁନିଅନ ତରଫରୁ ତରଫରୁ ଗଣ ବିକ୍ଷୋଭ




ଜଳେଶ୍ୱର, ୨୧/୧୧ (ନି.ପ୍ର): ସିଆଇଟିୟୁ, ଓଡିଶା କୃଷକସଭା, କୃଷି ଓ ଗ୍ରାମୀଣ ଶ୍ରମିକ ୟୁନିଅନ ତରଫରୁ ଆଜି ସକାଳ ୧୦ ଘଟିକା ସମୟ ରେ ଶହ ଶହ ଶ୍ରମିକ, କୃଷକ ଓ କୃଷି ଗ୍ରାମୀଣ ଶ୍ରମିକଙ୍କ ଲାଲ୍ ପଟୁଆର ଜଳେଶ୍ୱର ଷ୍ଟେସନ ଛକରୁ ବାହାରି ବ୍ଲକ ଅଫିସ ଅଭିମୁଖେ ଆସିଥିଲା। ବ୍ଲକ ଅଫିସ ସମ୍ମୁଖରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ବିକ୍ଷୁବ୍ଧ ଆନ୍ଦୋଳନକାରୀ ଏବଂ ସରକାରଙ୍କର ଜନବିରୋଧୀ ନୀତିକୁ କଠୋର ସମାଲୋଚନା କରିଥିଲେ ।ଏଥିରେ ଅଧକ୍ଷତା କରିଥିଲେ କୃଷକ ନେତା ଦିଲ୍ଲିପ ଗିରି। ରେସନ କାର୍ଡ କାଟିବା ବନ୍ଦ କରି ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ରେସନ କାର୍ଡ ଦିଅ, ନଭେମ୍ବର ଶେଷ ସୁଦ୍ଧା ଧାନ ମଣ୍ଡି ଖୋଲିବା , ଭାଗଚାଷୀଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କିଣ, ଦେଇଥିବା ପ୍ରତିଶୃତି ମୁତାବକ ସମସ୍ତ ପ୍ରକାର ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି , କୃଷି ଋଣ ଛାଡ , ସମସ୍ତ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ଅଧା ଥିବା ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକୁ ପୂର୍ଣ୍ଣାଙ୍ଗ , ବିଦ୍ୟୁତ ଉତ୍ପାଦନକୁ ଘରୋଇକରଣ କରିବା ମସୁଧାରୁ କ୍ଷାନ୍ତ ରୁହ,୩୦୦ ୟୁନିଟ୍ ପର୍ଯ୍ୟନ୍ତ ନିଃଶୁଳ୍କ ବିଦ୍ୟୁତ ଯୋଗାଇ ଦିଅ, ବ୍ଲକ ଅଫିସରେ ହୋଇଥିବା ଦୁର୍ନୀତିର ନିରପେକ୍ଷ ତଦନ୍ତ କର ଇତ୍ୟାଦି କୁ ନେଇ ବିକ୍ଷୋଭ ତିନିଘଣ୍ଟା ହୋଇଥିଲା । ଦିନ ଗୋଟିଏ ସମୟ ରେ ବ୍ଲକ୍ ଆକାଉଣ୍ଟାଣ୍ଟ ଜୀବନ କୁମାର ପରିଡା ପହଞ୍ଚି ଦାବି ପତ୍ର ନେବା ସହିତ ମୁଖ୍ୟମନ୍ତ୍ରୀ ଙ୍କ ପାଖକୁ ପଠାଇବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ସମୟ ରେ ଉପସ୍ଥିତ ଥିଲେ କୃଷି ଓ ଶ୍ରମଜୀବୀଙ୍କ ନେତା ଦିପ୍ତିମାନ ଆଚାର୍ଯ୍ୟ, କ୍ଷେତ ମଜଦୂର ୟୁନିୟନର ରାଜ୍ୟ ଉପ ସଭାପତି ଶିଶିର ହୁଇ, କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଖାଦ୍ୟ ସୁରକ୍ଷା ଯୋଜନାର ଜାତୀୟ ଆବାହକ ସମିତ ପଣ୍ଡା,ଗଣ ଆନ୍ଦୋଳନର ନେତା ଅକ୍ଷୟ କୁମାର ମିଶ୍ର,ଯୁବ ନେତା ଦିଲ୍ଲୀପ ପରିଡ଼ା, ଶ୍ରମିକ ନେତା ପଲ୍ଟୁ ଦାସ,ନାରୀ ନେତ୍ରୀ ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ ,ଜୀବନ ପରିଡ଼ା, ରାଜୀବ ପଣ୍ଡା, ଆରତୀ ପଲାଇ, ଧୀରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଚନ୍ଦନ ଶତପଥୀ, ଅଶ୍ୱିନୀ ପ୍ରଧାନ,ରତନ ଦାସ, ଧୀରେନ୍ଦ୍ର ଦେ, ଗଣେଶ ଭୂୟାଁ ଭାଗବତ ପ୍ରଧାନ, ଶଙ୍କର ଗୋଚ୍ଛାୟତ,ସାମରାୟ ଟୁଡୁ, କାହ୍ନୁ ସିଂ, କନ୍ଦା ହେମ୍ବ୍ରମ, ସୁମିତ୍ରା ଦେ,ସବିତା ଭୂୟାଁ, ସଞ୍ଜୟ ଶାସମଲ, ଗଣେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏଲ.ଆ.ସି.ର ଅବସର ପ୍ରାପ୍ତ ଅଫିସର୍‌ଙ୍କ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ବାଲେଶ୍ୱର, ୨୧/୧୧ (ନି.ପ୍ର): ଇଶାନ ନଗର ସ୍ଥିତ ଓଡ଼ିଶା ଭବନ ବାଲେଶ୍ୱରରେ କ୍ଷସମ ର ଅବସର ପ୍ରାପ୍ତ ଅଫିସରଙ୍କର ପଞ୍ଚଦଶ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ରାଜ୍ୟରେ ଏଇ ଦିବସ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ୟୁନିଟ ରେ ତିନିଗୋଟି ଜିଲ୍ଲାର ଯଥା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ର ଅବସର ପ୍ରାପ୍ତ ଅଫିସରଙ୍କ ଏକ ସଭାର ଆୟୋଜନ କରାଯାଇଥିଲା। ଶ୍ରୀ କୃଷ୍ଣ ପ୍ରସାଦ ଦୀକ୍ଷିତଙ୍କ ପୌରୋହିତ୍ୟରେ ଏଇ ସଭା ରେ ଓ ବନ୍ଧୁ ମିଳନର ଏକ ଅପୂର୍ବ ସମାବେଶ ବୟସ୍କ ଲୋକଙ୍କର ଏକ ଖୁସିର ଲହରୀ ସୃଷ୍ଟି କରିଥିଲା। ସମ୍ପାଦକ ଶ୍ରୀ ମହେଶ୍ୱର ବେହେରା ସଂଗଠନର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଚାକିରୀ କାଳ ସମୟରେ ତଥା ଚାକିରୀ ପରେ ସଂଗଠନର ଆବଶ୍ୟକତା ନିହାତି ଆବଶ୍ୟକ ବୋଲି ଅଫିସର ମାନେ ସେମାନଙ୍କର ମତବ୍ୟକ୍ତ ପ୍ରଦାନ କରିଥିଲେ। ଶ୍ରୀ ଦିବାକର ମହାପାତ୍ର, ଲକ୍ଷ୍ମୀକାନ୍ତ କର, ଗୋପବନ୍ଧୁ କର, ତ୍ରିଲୋଚନ ପତି, ପଦ୍ମଲୋଚନ ଜେନା,ଚନ୍ଦନ ଦେ,ଅଭୟ ନାୟକ, ଯଦୁମଣି ନାୟକ,ନରେନ୍ଦ୍ର ବେହେରା, ଭୀମସେନ ମାଝୀ, ନେପାଳ ଦାସ, ଶାନ୍ତନୁ ପଣ୍ଡା, ଚକ୍ରଧର ମଲିକ, ଲକ୍ଷ୍ମୀଧର ବେହେରା, ମାଚଙ୍ଗ କିସ୍କୁ ଦୁଃଖିଶ୍ୟାମ ହେମ୍ବ୍ରମ, ଗୁରୁ ପ୍ରସାଦ ହାଁସଦା, କୈଳାଶ ସିଂ ଇତ୍ୟାଦି ସମସ୍ତେ ନିଜ ଚାକିରୀ ଜୀବନର ଅନୁଭୂତି ବଖାଣି ଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀ ମୃଣ୍ମୟ ଚକ୍ରବର୍ତ୍ତୀ ବର୍ତ୍ତମାନ ଏଲଆଇସିର ବ୍ୟବସାୟ ଓ ସେବାର ଉଲ୍ଲେଖନିୟ ଦିଗ ବିଷୟରେ ଆଲୋକପାତ କରି କିପରି ଗ୍ରାହକଙ୍କ ପ୍ରିୟ ଭାଜନ ହୋଇ ସତାବନ୍ ଲକ୍ଷ୍ କୋଟିର ଗ୍ରାହକ ଆସେଟ କରିପାରିଛି ତାହା ବର୍ଣ୍ଣନା କରିଥିଲେ। ଶ୍ରୀ ଗୌର ଗୋପାଳ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପୀତାମ୍ବର ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବନ୍ୟପ୍ରାଣୀ ଏବଂ ଜୈବବିବିଧତା ସଂରକ୍ଷଣ ବିଭାଗର କର୍ମଶାଳା ଉଦ୍‌ଘାଟିତ




ବାରିପଦା , ୨୧/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବନ୍ୟପ୍ରାଣୀ ଏବଂ ଜୈବବିବିଧତା ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ ଏକ ଦ୍ୱିଦିବସୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । 'ସୁରକ୍ଷିତ ପଦକ୍ଷେପ: କ୍ଷେତ୍ରୀୟ ଗବେଷଣାରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ଦିଗରେ ଆହ୍ୱାନ ଓ ସମାଧାନ' ଶୀର୍ଷକ ଏହି କର୍ମଶାଳାର ଉଦଘାଟନୀ ଉତ୍ସବକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଏହି କର୍ମଶାଳା ଫିଲ୍ଡୱାର୍କରେ ମହିଳା ଗବେଷକମାନଙ୍କର ସୁରକ୍ଷା ପ୍ରଦାନ ଦିଗରେ ଆବଶ୍ୟକୀୟ ତାଲିମ ପ୍ରଦାନ କରିବାରେ ସହାୟକ ହେବ ଓ ଏହା ବିଜ୍ଞାନ କ୍ଷେତ୍ରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡକ୍ଟର ଆନି ପୂନମ୍ ଯୋଗଦେଇ ମହିଳା ବିଜ୍ଞାନୀମାନଙ୍କର ସୁରକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ମହିଳା ଗବେଷକମାନଙ୍କୁ ସୁରକ୍ଷା ନିଶ୍ଚିତ କରିବାରେ ଆବଶ୍ୟକୀୟ ପ୍ରୋଟୋକଲ୍, ଟ୍ରେନିଂ ଏବଂ ଟେକ୍ନୋଲୋଜିର ସହାୟତା ନେବାକୁ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ନିଜ ବକ୍ତବ୍ୟରେ କ୍ଷେତ୍ରୀୟ ଗବେଷଣାରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ଦିଗରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମାନଙ୍କୁ ଉପଯୁକ୍ତ ପଦକ୍ଷେପ ମାନଙ୍କ ନେବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ପି.ଏମ୍ ଉଷା ଯୋଜନାର ସଫଳ ରୂପାୟନରେ ସହାୟକ ହେବ ବୋଲି କହିଥିଲେ । ବିଭାଗୀୟ ସଂଯୋଜକ ତଥା ଆବାହକ ଡ. ଶୁଭାନୀ ରଥ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ ଓ ଡ. ଦେବାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ସହକାରୀ ପ୍ରଫେସର ଡ. ଅଶୋକ କୁମାର ମଲ୍ଲିକ ଓ ଡ. ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମୋନାଲି ଗୋସ୍ୱାମୀ, ପଶ୍ଚିମବଙ୍ଗ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଡ. ପ୍ରିୟଙ୍କା ହାଲଦାର ମଲ୍ଲିକ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଡ. ଶ୍ୱେତାଶ୍ରୀ ପୁରୋହିତ, ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଶ୍ରୀମତୀ ଜୟଶ୍ରୀ ମିଶ୍ର, ଆଇଆଇଟି ଭୁବନେଶ୍ୱରର ଡ. ମଧୁସ୍ମିତା ଦାଶ, ମୟୂରଭଞ୍ଜର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସବିତା ମାଝି, ଚେନ୍ନାଇସ୍ଥିତ ଗଣିତୀୟ ବିଜ୍ଞାନ ସଂସ୍ଥାନର ଡ. ଭାରତୀ ଧରପୁରମ, ନୂଆଦିଲ୍ଲୀସ୍ଥିତ ୱାଲ୍ଡ୍ ୱାଇଲ୍ଡ ଲାଇଫ୍ ଫଣ୍ଡର ମିସ୍ ସାଧ୍ୱୀ ସିନ୍ଦୁରା ଓ କଲିକତାର କ୍ଷେତ୍ରୀୟ ଗବେଷିକା ଡ. ଆୟୁସ୍ମିତା ନାଏକ ପ୍ରମୁଖ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ଆମେ ମୟୂରଭଞ୍ଜିଆ ଓ ବାରିପଦା ପୌର ପରିଷଦ ଆନୁକୂଲ୍ୟରେ ନିକଟରେ ଅନୁଷ୍ଠିତ ହୋଇଥିବା ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ରେ ଖ୍ୟାତନାମା ଚିତ୍ରଶିଳ୍ପୀଙ୍କ ତତ୍ତ୍ୱାବଧାନରେ କୁନି କୁନି ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅଙ୍କାଯାଇଥିବା ଶିମିଳିପାଳର ବିଭିନ୍ନ ଚିତ୍ର କ୍ୟାନଭାସ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା । ଏହି କ୍ୟାନଭାସ ଗୁଡ଼ିକ ବିଶ୍ୱବିଦ୍ୟାଳୟରେ ସମ୍ମେଳନ କକ୍ଷରେ ସବୁବେଳେ ଶୋଭାପାଇବ ।

ଶନିବାର, ନଭେମ୍ବର ୨୨, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମହୁଲିଆରେ ଇକୋ ଫ୍ରେଣ୍ଡସ ପକ୍ଷରୁ ସିଭି ରମଣଙ୍କ ତିରୋଧାନ ଏବଂ ଗିରିଶ ମୁର୍ମୁଙ୍କ ଜନ୍ମ ଦିବସ ପାଳିତ

ବେତନଟୀ, ୨୧/୧୧ (ନି.ପ୍ର): ବେତନଟୀ ବ୍ଲକ ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭୂମିପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁଙ୍କର ୬୭ତମ ଜନ୍ମ ଦିବସ ଓ ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସି ଭି ରମଣ ଙ୍କର ତିରୋଧାନ ଦିବସ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ 'କବି ସଙ୍ଗମ 'ର ସଭାପତି ବାସୁଦେବ ନାପିତ ସମ୍ମାନିତ ଅତିଥି ଭାବରେ କବି ସଙ୍ଗମ ର ଉପ ସଭାପତି ବିଜୟ କୁମାର ଦ୍ୱିବେଦୀ, ବିଶିଷ୍ଟ ଅତିଥି ଭାବରେ ମହାରାଜା ଶ୍ରୀରାମଭଞ୍ଜ ଦେଓ ବିଦ୍ୟାଳୟ ବାରିପଦା ର ପ୍ରାକ୍ତନ ଅଧ୍ୟାପିକା ମାମିନା ମହାନ୍ତ ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ବିଦ୍ୟାଳୟ ଅନୁନିରୀକ୍ଷକ ଦୁର୍ଯୋଧନ ସିଂ ସମ୍ମାନିତ ବକ୍ତା ଭାବରେ ଭୁବନେଶ୍ୱରୀ ମହାନ୍ତ ବିଶିଷ୍ଟ ବକ୍ତା ଭାବରେ ବେତନଟୀ ବ୍ଲକ ସାମ୍ବାଦିକ ସଙ୍ଘ ଉପ-ସଭାପତି ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦାନ କରି ବିଶ୍ୱ ବନ୍ଦିତ ବୈଜ୍ଞାନିକ ସିଭିରମଣ ଏବଂ ଭୂମି ପୁତ୍ର ଗିରିଶ ମୁର୍ମୁଙ୍କର ପରି ପାଠ ପଢି ଭଲ କାମ କରି ବଡ଼ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ତଥା ଅଭିଭାବକ ମଙ୍ଗଳ ଟୁଡୁ ଏବଂ ରତିକାନ୍ତ ମହାନ୍ତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଅଭିଭାବକ ମାନେ ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ଭାରତୀ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ -୨୦୨୫ ଅନୁଷ୍ଠିତ




ନୀଳଗିରି, ୨୧/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣବିଭାଗ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ବଣଭୂଇଁ ସରକାରୀ (ଏସଏସଡି) ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ' ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରୁ ୪୩ଟି ଜନଜାତି, ଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ରାଜ୍ୟ ସରକାର ଏହି ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶସହିତ ସମାଜର ମୁଖ୍ୟସ୍ରୋତରେ ସାମିଲକରିବାର ଅଭିନବପ୍ରୟାସ କିଛିକାଂଶରେ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି। କନିଷ୍ଠ ଓ ବରିଷ୍ଠ ଦୁଇଟିବିଭାଗ କରାଯାଇ ବିଜ୍ଞାନ ପ୍ରଦର୍ଶନୀ, ଭଲିବଲ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ତର୍କ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଜିଲ୍ଲା ସମାଜମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଅନ୍ତିମପର୍ଯ୍ୟାୟ ତଥା ଉଦଯାପନୀ ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟସରକାରଙ୍କ ଏହି ପ୍ରୟାସ ଏକ ସୁନ୍ଦର ପଦକ୍ଷେପ ବକ୍ତବ୍ୟ ରଖିବା ସହିତ ପ୍ରାକୃତିକ ପରିବେଶରେ ବଢ଼ି ନିଜର ସଂସ୍କୃତି, ପରମ୍ପରାକୁ ଉଦ୍ଜିବିତ ରଖିବା ସହ ଶିକ୍ଷାକୁ ମୂଳଭିତ୍ତି କରି ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ବଣଭୂଇଁ ଏସଏସଡି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ପରିଡା ମଞ୍ଚରେ ସଭାପତିତ୍ୱ କରିଥିଲାବେଳେ ଶିକ୍ଷକ ବିଭୂତି ଭୂଷଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସୂତ୍ରଧର ତଥା ଜିଲ୍ଲାମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ସମ୍ମାନିତଅତିଥି ନୀଳଗିରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ବାଲେଶ୍ୱର ଜିଲ୍ଲା ଶିକ୍ଷକସଙ୍ଘର ନେତା ତଥା ବରପଦା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱମ୍ଭର ଧଳ, ବୈଷ୍ଣବବନ୍ଧ ସେବାଶ୍ରମର ପ୍ରଧାନଶିକ୍ଷୟତ୍ରୀ କୁଞ୍ଜଲତା ସାହୁ ପ୍ରମୁଖ ମଞ୍ଚାସିନ ରହି ଆଦିବାସୀ ପିଲାମାନଙ୍କ ପାଇଁ ସରକାର ଯତ୍ନବାନ ଥିବା ବକ୍ତବ୍ୟ ରଖିବା ସହିତ ପିଲାମାନଙ୍କର ଦକ୍ଷତାକୁ ପ୍ରଶଂସା କରିଥିଲେ। ସନ୍ଧ୍ୟାର ଏହି ମନୋରମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେପରେ ରଙ୍ଗୀନ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କର ଦେଶାତ୍ମବୋଧକ ନୃତ୍ୟ, ଆଦିବାସୀ ପାରମ୍ପରିକ ନୃତ୍ୟ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତି ଛାତ୍ରଛାତ୍ରୀ ରଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବାରୁ ସେଠାରେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବେ।

## ପରମ୍ପରା ବିକାଶ ଯାତ୍ରାର ସପ୍ତମ ଦିବସରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା




ଉଦଳା, ୨୧/୧୧ (ନି.ପ୍ର): ଲୋକସଂଗଠନ 'ଜନଜାଗୃତି ମଂଚ'ର ନେତୃତ୍ୱରେ ଚଳିତ ନଭେମ୍ବର ୧୫ ତାରିଖ ଶନିବାର ଭଗବାନ ବିର୍ଷାମୁଣ୍ଡାଙ୍କ ଜୟନ୍ତୀ (ଜନଜାତି ଗୌରବ ଦିବସ) ଠାରୁ ଆରମ୍ଭ ହୋଇଥିବା ଆଦିବାସି ପରମ୍ପରା ବିକାଶ ଯାତ୍ରା ଆଜି ୨୧ ତାରିଖ ଶୁକ୍ରବାର ଦିନ ସପ୍ତମ ଦିବସରେ ପହଂଚିଛି । ଏହି ଅବସରରେ ଖୁଂଟାସ୍ଥିତ ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନର ପ୍ରତିଯୋଗିତା ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ୨୦୪୭ ମସିହାରେ ଆମ ଦେଶରେ ସ୍ୱାଧିନତାର ୧୦୦ ବର୍ଷ ପୂର୍ତି ପାଳନ କରାଯିବ । ଏହି ଅବସରରେ ଆମ ଦେଶକୁ ବିକଶିତ ଭାରତ ରାଷ୍ଟ୍ର ଭାବରେ ଘୋଷଣା କରାଯିବ । ଏଥିପାଇଁ ମାତ୍ର ୨୧ ବର୍ଷ ସମୟ ବାକି ରହିଥିବା ବେଳେ ବର୍ତମାନର ଯୁବପିଢ଼ି ଏହି ବିକଶିତ ଭାରତକୁ କିଭଳି ଢ଼ଙ୍ଗରେ ଦେଖୁଛନ୍ତି ଓ ଏଥିପାଇଁ କିପରି ପ୍ରସ୍ତୁତି ଚଳାଇଛନ୍ତି ଜାଣିବା ଉଦେଶ୍ୟରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ବୋଲି ମଂଚର ଟିମ ଲିଡ଼ର ଗଦାଧର ଦାଶ କହିଛନ୍ତି । ସେହିପରି ପାଶ୍ଚାତ୍ୟ ସଂସ୍କୃତି ଓ ପରମ୍ପରା ଆମ ଅଂଚଳକୁ ପ୍ରବେଶ କରିବା ପରେ ଦିର୍ଘ ବର୍ଷ ଧରି ପ୍ରଚଳିତ ଥିବା ଆମ ସଂସ୍କୃତି ଓ ପରମ୍ପରା ପ୍ରଭାବିତ ହେବା ସାଙ୍ଗକୁ ତାର ମୌଳିକତା ହରାଇ ବସୁଛି । ଏଗୁଡ଼ିକୁ ବଂଚାଇ ରଖିବା ପାଇଁ ଚାଲିଥିବା ଏହି ଯାତ୍ରାର ଉକ୍ତ ପର୍ବ ଏକ ଅଂଶ ଅଟେ ବୋଲି ମଂଚ ତରଫରୁ କୁହାଯାଇଛି । ସ୍ଥାନୀୟ ଅଂଚଳରେ ମିଳୁଥିବା ସମ୍ବଳ ଗୁଡ଼ିକୁ ନେଇ କିପ୍ରକାର ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ପାରିବ ନିଜସ୍ୱ ଜ୍ଞାନରେ ଏହାକୁ ପ୍ରକାଶ କରିବା ପ୍ରବନ୍ଧ ଲିଖନର ବିଷୟ ବସ୍ତୁ ଥିବା ବେଳେ, ମୋ ସ୍ୱପ୍ନର ଗାଁ-୨୦୪୭, ଆମ ଜଙ୍ଗଲ ଆମ ଭବିଷ୍ୟତ, ମୋ ସ୍ୱପ୍ନର ନିଯୁକ୍ତି, ଆଶାୟୀ ବିହନ, ମୋ ଜୀବନ ଏବଂ ପ୍ରଯୁକ୍ତି ବିଦ୍ୟା, ମୋ ଜନଜାତି ପାଇଁ ମୋର ଆଶା ପ୍ରଭୃତି ଚିତ୍ରାଙ୍କନର ବିଷୟବସ୍ତୁ ରହିଥିଲା । ପ୍ରତିଯୋଗିତା ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପିକା ଗୋପା ସିଂହ ଓ ସୁଭଦ୍ରାମଣି ବାରିକ, ଅଧ୍ୟାପକ ଶୁଭମ ଶାସମଲ, ଡ଼. ସ୍ନେହାଶିଷ ସେଠୀ, ସୁଧାଂଶୁ ଗିରି, କିଶୋର ଚନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ମଂଚର ସଦସ୍ୟ ଗୌତମ ମହାପାତ୍ର, ଅଭିଲିପ୍ସା ପୃଷ୍ଟି ଓ ସୀମା ମହାନ୍ତି ନେଇଥିଲେ । ମଂଚର ଏହିଭଳି ଏକ ପ୍ରୟାସକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଂଜନ ତ୍ରିପାଠୀ ପ୍ରଶଂସା କରିଥିଲେ । ପ୍ରବନ୍ଧ ଲିଖନରେ ପ୍ରଦୀପ ସିଂ, ଯୁଗଳ କିଶୋର ମୁର୍ମୁ, ଚମ୍ପା ଟୁଡୁ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନରେ ଇତିଶ୍ରୀ ମୁର୍ମୁ, ସୁଭଦ୍ରା ନାୟକ, ସସ୍ମିତା ସିଂ ଯଥାକ୍ରମେ ।କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାର ଜଣାଯାଇଛି । ଏହିସବୁ କୃତି ପ୍ରତିଯୋଗିଙ୍କୁ ମଂଚ ତରଫରୁ ପୁରସ୍କୃତ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମଂଚର ସଦସ୍ୟ କୈଳାସ, ସୁବ୍ରତ, କାରୁକର, କପାଳ, ପ୍ରସନ୍ନ, ସୋଫିଆ ପ୍ରମୁଖ ସହଯୋଗ କରିଥିଲେ ।

## କୋଇଲା ଚୋରାଚାଲାଣ ମାମଲାରେ ଅନେକ ସ୍ଥାନରେ ତଲାସୀ

ନୂଆଦିଲ୍ଲୀ,୨୧/୧୧ : କୋଟି କୋଟି ଟଙ୍କାର କୋଇଲା ଚୋରାଚାଲାଣ ଦୁର୍ନୀତିର ତଦନ୍ତକୁ ଜୋରଦାର୍ କରି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପଶ୍ଚିମବଙ୍ଗ ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ଅନେକ ଜିଲ୍ଲାରେ ଏକ ବଡ଼ ଧରଣର ଚଢ଼ଉ ଆରମ୍ଭ କରିଛି। ଏହି କାର୍ଯ୍ୟାନୁଷ୍ଠାନ ସମ୍ପୃକ୍ତ ଅଂଚଳର କୋଇଲା କ୍ଷେତ୍ର ଉପରେ ଦୀର୍ଘ ଦିନ ଧରି ଲାଗି ରହିଥିବା ସନ୍ଦେହକୁ ପୁନର୍ବାର ଉଜ୍ଜିବିତ କରିଛି। ଭୋର୍ ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ସହିତ ଇଡି ର ଅନେକ ଟିମ୍ କୋଲକାତାର ବ୍ୟସ୍ତବହୁଳ ଅଂଚଳ ଠାରୁ ଆରମ୍ଭ କରି ଆସନସୋଲ ଏବଂ ଧନବାଦର କୋଇଲା କ୍ଷେତ୍ର ପର୍ଯ୍ୟନ୍ତ ପହଂଚି ଥିଲେ। ଅଧିକାରୀମାନେ ଚୁପଚାପ୍ ଦ୍ୱାର ଠକ୍ ଠକ୍ କରୁଥିବା ଦେଖାଯାଇଥିଲା, ଯେତେବେଳେ କି ଅନେକ ସ୍ଥାନରେ କୋଇଲା ବ୍ୟବସାୟରେ ସମ୍ପୃକ୍ତ ବ୍ୟବସାୟୀ, ଠିକାଦାର ଏବଂ ବ୍ୟବସାୟୀଙ୍କ କାର୍ଯ୍ୟାଳୟ ଏବଂ ସମ୍ପତିଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ତଲାସୀ କରାଯାଇଥିଲା।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟା

### ଭଦ୍ରକର ଲୋକକଳା ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛି




ଭଦ୍ରକ, ୨୧/୧୧ (ନି.ପ୍ର): ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିଭାତ ହୋଇଛି ସେପରି ଲୋକକଳା ଓ ସାଂସ୍କୃତିକ ଜଗତକୁ ତାର ଅବଦାନ ଅବିସ୍ମରଣୀୟ। ଭଦ୍ରକ ମାଟିର ମଣିଷ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କେଶବ କବି କୃଷ୍ଣପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର, ଗୀତିକାର, ଅଭିନେତା, ତଥା ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ନିବୃତ୍ତ ପ୍ରଫେସର ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା,'ନବ କାକଳୀ,ର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବିଶିଷ୍ଟ ଅତିଥି,ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଡ. ରମାକାନ୍ତ ନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା କବି ସାରଥୀ ପଣ୍ଡା, ମଂଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ, ଅଭିନେତା ତଥା ସଂଗଠକ ନିମାନନ୍ଦ ସାହୁ, ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଡଭୋକେଟ୍ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ ଏବଂ ସମ୍ପାଦକ ରବି ନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ମଂଚ ପରିଚାଳନା କରିଥିଲା ଇଂ. ରତିକା ନାୟକ ସ୍ୱାଗତ ସଂଗୀତ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧାର ଚତୁର୍ଦ୍ଧା ମୂରତି ଭଜନ ସନ୍ଧ୍ୟାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ




ବାସୁଦେବପୁର, ୨୧/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ମାଟିପକା ଠାରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉତ୍ସବକୁ ଉଦଘାଟନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ତନ୍ମିତା କର, ଏ, ପି ଡି ଧନେଶ୍ୱର ଟୁଡୁ, ଡି ଏଫ୍ ଓ ଅମର ସାହୁ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ହୃଷୀକେଶ ବେହେରା, ସମାଜସେବୀ କୃଷ୍ଣ ଚନ୍ଦ୍ର ଘଡାଇ,ସରପଞ୍ଚଙ୍କ ପ୍ରତିନିଧି ଜୟରାମ ବାରିକ୍, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଦିପ୍ତା ଜେନା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ଜନ ସାଧାରଣ ତଥା ଚାଷୀ ମାନଙ୍କୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ସୂଚନା ପ୍ରଦାନ କରା ଯାଇଥିଲା। ଏହି ଉତ୍ସବରେ ସଫଳ ଚାଷୀ ନାରାୟଣ ପଣ୍ଡା, ମାଧବ ଚନ୍ଦ୍ର ପୁହାଣ ଓ ଅନ୍ୟାନ୍ୟ ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା।

## ଆନ୍ଧ୍ରପ୍ରଦେଶକୁ ଲାଲଚନ୍ଦନ ସଂରକ୍ଷଣ ପାଇଁ ୩୯.୮୪ କୋଟି ଟଙ୍କା ଜାରି

ନୂଆଦିଲ୍ଲୀ,୨୧/୧୧ : ଜାତୀୟ ଜୈବ ବିବିଧତା ପ୍ରାଧିକରଣ ଆନ୍ଧ୍ର ପ୍ରଦେଶକୁ ଲାଲ୍ ଚନ୍ଦନର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ୩୯.୮୪ କୋଟି ଟଙ୍କା ଜାରି କରିଛି, ଏଥିରୁ ୩୮.୩୬ କୋଟି ଟଙ୍କା ବନ ବିଭାଗକୁ ଏବଂ ୧.୪୮ କୋଟି ଟଙ୍କା ରାଜ୍ୟ ଜୈବ ବିବିଧତା ବୋର୍ଡକୁ ଦିଆଯାଇଛି। ଏହି ରାଶି ସହିତ ଦେଶରେ 'ଏକ୍ସେସ୍ ଆଣ୍ଡ୍ ବେନିଫିଟ୍ ଶେୟରିଙ୍ଗ୍' ଅଧିନରେ ମୋଟ ବଣ୍ଟନ ୧୧୦ କୋଟି ଟଙ୍କାକୁ ଅତିକ୍ରମ କରିଛି, ଯାହା ଜୈବ ବିବିଧତା ସଂରକ୍ଷଣର କ୍ଷେତ୍ରରେ ଏକ ବଡ଼ ସଫଳତା।

## ଠାକୁରପୂଜା ପାଇଁ ଫୁଲତୋଳିବାକୁ ଯାଇ କରେଣ୍ଟ ଲାଗି ଚାଲିଗଲା ଯୁବକଙ୍କ ଜୀବନ

ନୀଳଗିରି , ୨୧/୧୧ (ନି.ପ୍ର): ଠାକୁରଙ୍କ ପାଇଁ ଫୁଲ ତୋଳିବାକୁଯାଇ ସ୍ୱର୍ଗବାସୀ ହେଲେ ଯୁବକ ।ଫୁଲ ତୋଳିବାକୁ ଯାଇ ବିଦ୍ୟୁତ ଆଘାତର ଶିକାରହୋଇ ଜୀବନ ହରାଇଲେ ୩୫ ବର୍ଷୀୟ ଯୁବକ ।ଘର ମାଲିକଙ୍କ ଅହଂ ଭାବ ଆଗରେ ହାର ମାନିଛି ମାନବିକତା ।ଫୁଲଚୋରି ପାଇଁ ଫୁଲଗଛରେ ଦେଇଦେଲେ କରେଣ୍ଟ ।ଫୁଲ ତୋଳିବା ଆସିଥିବା ସମୟରେ ଗଲା ପଡୋଶୀଙ୍କ ଜୀବନ ।ନୀଳଗିରି ଏନଏସି ୫ ନମ୍ବର ୱାର୍ଡ ସାନଅଡାରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା ।ଉକ୍ତ ୱାର୍ଡର ପୁରୁଷୋତ୍ତମ ଓ ସନ୍ଧ୍ୟା ଦାସଙ୍କ ପୁଅ ତାପସ ଦାସ ସକାଳେ ଫୁଲ ତୋଳିବା ପାଇଁ ନିକଟ ଦିଲ୍ଲିପ ରାଉତଙ୍କ ବାଡିକୁ ଫୁଲ ତୋଳିବାକୁ ଯାଇଥିଲେ ।ହେଲେ ଫୁଲ ଚୋରିକୁ ରୋକିବା ପାଇଁ ଘର ମାଲିକ ଫୁଲ ଗଛରେ କରେଣ୍ଟ ଦେଇଥିଲେ ।ଆଜି ସକାଳେ ତାପସ ଫୁଲ ତୋଳିବାକୁ ଆସି ବିଦ୍ୟୁତ ଆଘାତର ଶିକାର ହୋଇ ସେଠାରେ ଅଚେତ ହୋଇପଡିଥିଲେ ।ସ୍ଥାନୀୟ ଲୋକମାନେ ତାପସଙ୍କୁ ଅଚେତ ଅବସ୍ଥାରେ ଦେଖି ତାଙ୍କ ପରିବାରକୁ ଅବଗତ କରିଥିଲେ ।ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ନୀଳଗିରି ପୋଲିସକୁ ଅବଗତ କରିଥିଲେ ।ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୪୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି ।ଘର ମାଲିକାଣୀ କୁନା ରାଉତଙ୍କୁ ପଚାରିବାରୁ ବିଦ୍ୟୁତ ସଂଯୋଗୀକରଣ କରାଯାଇନଥିଲା ସେ ମୋ ବାଡିରେ ଅଚେତ ହୋଇ ପଡିଥିଲେ ମୁଁ ଲୋକଙ୍କୁ ଡାକି କହିଥିଲି,କିନ୍ତୁ ପୂର୍ବରୁ ମୁଁ ସମସ୍ତଙ୍କୁ ତାଗିଦ କରିଥିଲେ କି ମୋ ବାଡିକୁ ନଆସିବା ପାଇଁ ନଚେତ କରେଣ୍ଟ ଦେଇଦେବି ବୋଲି କହିଥିଲି ବୋଲି ସ୍ୱୀକାର କରିଛନ୍ତି ।ଅପରପକ୍ଷରେ ମୃତ ତପନଙ୍କ ଖୁଡୀ ରଜନୀ ମହାନ୍ତି କହିଛନ୍ତି କି ମାନବିକତା ହରାଇ ଘର ମାଲିକ ଜଣକ ବିଦ୍ୟୁତ ସଂଯଗୀକରଣ କରି ଗୋଟେ ଜୀବନ ନେଇଗଲେ,ତାର ଗୋଡରେ ଥିବା ଫାଟ ଓ ମୁହଁରେ କଳା ଦାଗରୁ ସ୍ପଷ୍ଟ ଜଣାପଡୁଛି କି ବିଦ୍ୟୁତ ପାଇଁ ମୃତ୍ୟୁ ହୋଇଛି ସଠିକ ତଦନ୍ତ ହେଇ ଦଣ୍ଡ ଦିଆଯାଉ ।

## ବାଲିଆପାଳରେ ଶିଶୁର ପ୍ରାଣ ନେଲା ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି : ସିଡିଏମଓଙ୍କ କାମଚଳା ପ୍ରତିଶ୍ରୁତି

ବାଲିଆପାଳ, ୨୧/୧୧ (ନି.ପ୍ର): ପ୍ରାପ୍ତ ସୂଚନାନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ନଭେମ୍ବର ୧୭ ତାରିଖ ମଙ୍ଗଳବାର ରାତିରେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜକୁ ଏକ ଦଶ ମାସର ଶିଶୁ ପୁତ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରା ଯାଉଥିବା ସମୟରେ ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ଦଶ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ବାଲେଶ୍ୱର ସି ଡି ଏମ ଓ ପ୍ରଭାତ କୁମାର ବେହେରା ୨୦ ତାରିଖ ଗୁରୁବାର ଦିନ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେବାକୁ ଆସିଥିବା ବେଳେ ମୃତ ଶିଶୁର ମାମୁଁ ରଜନୀ କାନ୍ତ ପାତ୍ରଙ୍କ ସହିତ ସ୍ଥାନୀୟ କିଛି ଲୋକ ମିଳିତ ହୋଇ ସି ଡି ଏମ୍ ଓ ଶ୍ରୀ ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ସାତ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସି ଡି ଏମ୍ ଓ ଶ୍ରୀ ବେହେରା କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସୂଚନା ମୁତାବକ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣ ବାଡିଆ ପଞ୍ଚାୟତର ଘଣ୍ଟିଆଡି ଗ୍ରାମର ରାମକୃଷ୍ଣ ନନ୍ଦୀଙ୍କ ଦଶ ମାସର ଶିଶୁ ପୁତ୍ର ଦେବାଶିଷ ନନ୍ଦୀକୁ ଥଣ୍ଡା ଓ କଫ ଜନିତ ଅସୁସ୍ଥତା କାରଣରୁ ତା' ମାମୁଁ ରଜନୀ କାନ୍ତ ପାତ୍ର ୧୭ ତାରିଖ ମଙ୍ଗଳାବର ସକାଳେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇ ଘରକୁ ଫେରିଥିଲେ। ମାତ୍ର ରାତିରେ ଶିଶୁ ଦେବାଶିଷର ଅସୁସ୍ଥତା ବଢ଼ିବାରୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାକୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜକୁ ରେଫର୍ କରି ଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଶିଶୁ ପୁତ୍ର ଦେବାଶିଷକୁ ସ୍ଥାନାନ୍ତରିତ କରା ଯାଉଥିବା ବେଳେ ଜାମଶୁଳି ନିକଟରେ ଶିଶୁ ପୁତ୍ର ଦେବାଶିଷକୁ ଦିଆ ଯାଇଥିବା ଆମ୍ବୁଲାନ୍ସର ଅକ୍ସିଜେନ ସିଲିଣ୍ଡରରୁ ଅକ୍ସିଜେନ ଶେଷ ହୋଇଯିବାରୁ ବିଳମ୍ବରେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଦେବାଶିଷକୁ ମୃତ ଘୋଷଣା କରିଥିଲେ। ୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବା, ଚିକିତ୍ସା ସହାୟକ କିମ୍ବା ଆମ୍ବୁଲାନ୍ସରେ କୌଣସି ମେଡ଼ିକାଲ ଟେକ୍ନିସିୟାନ୍ ନ ଥାଇ ଏକାକୀ ଡ୍ରାଇଭର ଦ୍ୱାରା ରୋଗୀକୁ ସ୍ଥାନାନ୍ତରିତ କରାଯିବା ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବେପରୁଆ ନୀତିକୁ ପଦାରେ ପକେଇଛି । ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ ଥାଉ ଥାଉ ଦେବାଶୀଷକୁ କାହିଁକି ବାଲେଶ୍ୱରକୁ ସ୍ଥାନାନ୍ତରିତ କରା ଯାଉଥିଲା ବୋଲି ଜନ ସାଧାରଣରେ ଚର୍ଚ୍ଚା ଓ ଆକ୍ରୋଶର ବିଷୟ ହୋଇଛି।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida